# ସର୍ବହରା କ୍ରାନ୍ତି

ସୋସାଲିଷ୍ଟ ୟୁନିଟି ସେଣ୍ଟର ଅଫ୍ ଇଣ୍ଡିଆ(କମ୍ୟୁନିଷ୍ଟ) • ଓଡ଼ିଆ ମୁଖପତ୍ର - ପାକ୍ଷିକ • ପୂର୍ବତନ ମୁଖ୍ୟ ସମ୍ପାଦକ-କମ୍ରେଡ୍ ତାପସ ଦତ୍ତ• ମୂଲ୍ୟ-୫ଟଙ୍କା

VOL NO. - 13, ISSUE NO. - 22, DATE : 01.03.2026 - 15.03.2026 FORTNIGHTLY (ODIA), BHUBANESWAR. PAGES-08



ଜନ୍ମ : ୧୮ ଡିସେମ୍ବର ୧୮୭୮
ମୃତ୍ୟୁ : ୫ ମାର୍ଚ୍ଚ ୧୯୫୩

**କମ୍ରେଡ୍ ଜୋସେଫ୍ ଷ୍ଟାଲିନଙ୍କର ୭୩ତମ ମୃତ୍ୟୁ ଦିବସରେ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛୁ।**

## ଇରାନ ଉପରେ ଆମେରିକା-ଇସ୍ରାଏଲ୍ ପକ୍ଷରୁ ସାମରିକ ଆକ୍ରମଣକୁ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ)ର ଦୃଢ଼ ନିନ୍ଦା - ନରହନ୍ତା ଇସ୍ରାଏଲ୍ ପ୍ରଧାନମନ୍ତ୍ରୀଙ୍କୁ 'ଭାଇ' ସମ୍ବୋଧନ କରିଥିବାରୁ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ତିରସ୍କାର

ଏସ୍‌ୟୁସିଆଇ( କମ୍ୟୁନିଷ୍ଟ) ସାଧାରଣ ସମ୍ପାଦକ ଶ୍ରୀ ପ୍ରଭାସ ଘୋଷ ଫେବୃୟାରୀ ୨୮ ତାରିଖରେ ନିମ୍ନଲିଖିତ ବିବୃତି ଜାରି କରିଛନ୍ତି:-

"ଆମେ ଇରାନ ଉପରେ ଜିଓନିଷ୍ଟ (Zionist) ଇସ୍ରାଏଲ୍ ଦ୍ୱାରା 'ପ୍ରତିରୋଧମୂଳକ ଆକ୍ରମଣ' ଭଳି ଏକ ଭିତ୍ତିହୀନ ବାହାନାରେ କରାଯାଇଥିବା ଅତ୍ୟନ୍ତ ନୃଶଂସ ସାମରିକ ଆକ୍ରମଣକୁ ଦୃଢ଼ ଭାବରେ ନିନ୍ଦା କରୁଛୁ। ଏହା ସ୍ପଷ୍ଟ ଯେ ମାର୍କିନ୍ ସାମ୍ରାଜ୍ୟବାଦୀଙ୍କ ସମ୍ପୂର୍ଣ୍ଣ ସମର୍ଥନ ଓ ସହାୟତାରେ ଏହି ଆକ୍ରମଣ ଏକ ପ୍ରତ୍ୟକ୍ଷ ସାମରିକ ହସ୍ତକ୍ଷେପ ବ୍ୟତୀତ ଅନ୍ୟ କିଛି ନୁହେଁ। ବାସ୍ତବରେ ଏହା ଆମେରିକୀୟ ସାମ୍ରାଜ୍ୟବାଦୀଙ୍କ ଦ୍ୱାରା ଇରାନ ଉପରେ ଏକ ପ୍ରତ୍ୟକ୍ଷ ଆକ୍ରମଣ। ଆମେ ଇରାନ ବିରୁଦ୍ଧରେ ଏହି ନଗ୍ନ ଆକ୍ରମଣକୁ ତୁରନ୍ତ ବନ୍ଦ କରିବାକୁ ଦାବି କରୁଛୁ।

ଯାହା ଅତ୍ୟନ୍ତ ଘୃଣ୍ୟ ତାହା ହେଉଛି, ଏହା ଭାରତର ପ୍ରଧାନମନ୍ତ୍ରୀଙ୍କ ଇସ୍ରାଏଲ୍ ଗସ୍ତ ପରେ ପରେ ଘଟିଛି, ଯେଉଁଠାରେ ସେ ଇସ୍ରାଏଲ ପ୍ରଧାନମନ୍ତ୍ରୀଙ୍କୁ ଆତଙ୍କବାଦ ବିରୁଦ୍ଧରେ ସଂଗ୍ରାମୀ ବୋଲି ପ୍ରମାଣପତ୍ର ଦେଇଥିଲେ। ଆମେ ବିଶ୍ୱବାସୀଙ୍କୁ ଆହ୍ୱାନ କରୁଛୁ ଯେ ସେମାନେ ଆଗେଇ ଆସନ୍ତୁ ଏବଂ ଆମେରିକୀୟ ସାମ୍ରାଜ୍ୟବାଦୀ ଓ ଜିଓନିଷ୍ଟ ଇସ୍ରାଏଲକୁ ସାର୍ବଭୌମ ଇରାନ ବିରୁଦ୍ଧରେ ସେମାନଙ୍କର ନଗ୍ନ ଆକ୍ରମଣ ବନ୍ଦ କରିବାକୁ ବାଧ କରିବା ପାଇଁ ଶକ୍ତିଶାଳୀ ଗଣ ଆନ୍ଦୋଳନ ଗଢ଼ି ତୋଳନ୍ତୁ। ଆମେ ଏହା ମଧ୍ୟ ଦାବି କରୁଛୁ ଯେ ଭାରତ ସରକାର ତୁରନ୍ତ ଜିଓନିଷ୍ଟ ଇସ୍ରାଏଲ୍ ସହିତ ସମସ୍ତ କୂଟନୈତିକ ସମ୍ପର୍କ ଛିନ୍ନ କରୁ।"

## ରାଜ୍ୟ ସରକାରଙ୍କର ଗତାନୁଗତିକ ଓ ଛଳନା ପୂର୍ଣ୍ଣ ବଜେଟ୍‌ର କେତେକ ଦିଗ

ନିକଟ ଅତୀତରେ ଅର୍ଥମନ୍ତ୍ରାଳୟ ଦାୟିତ୍ୱ ନିଜ ପାଖରେ ରଖିଥିବା ମୁଖ୍ୟମନ୍ତ୍ରୀ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ବିଧାନ ସଭାରେ ରାଜ୍ୟ ବଜେଟ ପେଶ୍ କରିଛନ୍ତି।

ବଜେଟର ପ୍ରଥମ ଭାଗରେ ପ୍ରାୟ ଦୁଇବର୍ଷ ତଳେ ରାଜ୍ୟରେ କ୍ଷମତା ଦଖଲ ପରେ ତାଙ୍କ ସରକାରର ଆର୍ଥିକ ଉପଲବ୍ଧି ବିଷୟରେ କିଛି କହିବାକୁ ମୁଖ୍ୟମନ୍ତ୍ରୀ ଉଚିତ ଅନୁଭବ କରିନାହାନ୍ତି। ତା ବଦଳରେ ପ୍ରଥମ ଭାଗଟି ତାଙ୍କ ବୁଝିବା ଅନୁସାରେ ତଥାକଥିତ ଓଡିଆ ଅସ୍ମିତାର ପ୍ରତୀକ ଜଗନ୍ନାଥଙ୍କ ଜଣାଣ ଓ ଯାହାଙ୍କ ଦୟାରେ ସେ ମୁଖ୍ୟମନ୍ତ୍ରୀ ହେଇଛନ୍ତି ଓ ଆଜି ପର୍ଯ୍ୟନ୍ତ ରହିଛନ୍ତି ସେହି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବନ୍ଦନାରେ ବିରକ୍ତିଜନକ ଭାବେ ଭରପୂର। ନରେନ୍ଦ୍ର ମୋଦିଙ୍କ ବନ୍ଦନା ଅବଶ୍ୟ ପ୍ରତ୍ୟାଶିତ ଭାବେ ଜଗନ୍ନାଥ ଜଣାଣଠୁ ଲଜ୍ଜାହୀନ ଭାବେ ଅନେକ ଅନେକ ବେଶୀ।

ବଜେଟଟି ଅବଶ୍ୟ ଅନ୍ତସାରଶୂନ୍ୟ ଓ ଜନସାଧାରଣଙ୍କ କଲ୍ୟାଣ ବିଷୟରେ ସେଥିରେ ବିଶେଷ କିଛି ନାହିଁ। କେନ୍ଦ୍ରର ବିଜେପି ସରକାର ଭଳି ରାଜ୍ୟ ସରକାର ଅବଶ୍ୟ ଭିତ୍ତିଭୂମିକୁ ସୁଦୃଢ଼ କରିବାକୁ କହିଛନ୍ତି। ମନେ ରଖିବାକୁ ହେବ ଯେ କେନ୍ଦ୍ରରେ ବିଜେପି ସରକାର ଆସିଲା ପରେ ନୂଆ କୋଠାବାଡି, ଯାହାର ଆବଶ୍ୟକତା ବିଶେଷ ନାହିଁ (ଯଥା ସେଣ୍ଟ୍ରାଲ ଭିଷ୍ଟା ପ୍ରକଳ୍ପ, ନୂଆ ସଂସଦ ଭବନ, ଭାରତ ମଣ୍ଡପମ୍ ଇତ୍ୟାଦି) ଓ ଅଧିକାଂଶ ଜାଗାରେ ପରିବେଶକୁ ବଳି ପକେଇ ନୂଆ ରାସ୍ତାଘାଟ ତିଆରି କିମ୍ବା ପୁରୁଣା ରାସ୍ତାଘାଟର ସମ୍ପ୍ରସାରଣ ଉପରେ ଜୋର ଦେଉଛନ୍ତି। କେନ୍ଦ୍ର ସରକାରଙ୍କୁ ଅନୁସରଣ କରି ରାଜ୍ୟ ସରକାର ମଧ୍ୟ ଅନେକଗୁଡିଏ ରାସ୍ତାର ସମ୍ପ୍ରସାରଣ କଥା କହିଛନ୍ତି, ନୂଆ ସଚିବାଳୟ, ବିଭାଗୀୟ ମୁଖ୍ୟମାନଙ୍କ କାର୍ଯ୍ୟାଳୟ ଥିବା ନ'ତାଲା କୋଠାକୁ ଭାଙ୍ଗି ନୂଆ କୋଠା ତିଆରି ଓ ନୂଆ ବିଧାନସଭା କୋଠା ତିଆରି ପାଇଁ ପ୍ରସ୍ତାବ ରଖିଛନ୍ତି। ଏସବୁ ପ୍ରକଳ୍ପ ଦ୍ୱାରା କିଏ ବିଶେଷ ଭାବେ ଲାଭବାନ ହେବ, ତା' ବୁଝେଇ କହିବାର ଆବଶ୍ୟକତା ନାହିଁ। ଏହି ପ୍ରକଳ୍ପଗୁଡିକର ରୂପାୟନ ବଡ ଠିକାଦାର ମାନଙ୍କ ଦ୍ୱାରା ହେଇଥାଏ ଏବଂ ଏହି ଠିକାଦାରମାନେ ହିଁ ବିଜେପି ପାଇଁ ଇଲେକ୍ଟୋରାଲ ବଣ୍ଡ୍ ମାର୍ଫତରେ ପାଣ୍ଠି ଯୋଗାଣର ପ୍ରମୁଖ ସ୍ରୋତ ଥିଲେ। ରାଜ୍ୟରେ ଏହି ପ୍ରକଳ୍ପ ଗୁଡିକ କାର୍ଯ୍ୟକାରୀ ହେଲେ ଶାସକ ଦଳ ଯେ ଲାଭବାନ ହେବ ଓ ଶାସକ ଦଳର ନେତାମାନଙ୍କର ଯେ ହାତ ଚିକ୍କଣ ହେବ ତା' ସ୍ୱାଭାବିକ।

ତେବେ ବଜେଟରେ ଅର୍ଥ ବରାଦ କରି ତା'ର ଉପଯୋଗ ନକଲେ ବଜେଟ ବରାଦର କୌଣସି ଅର୍ଥ ହୁଏ ନାହିଁ। ସରକାରୀ ସୂତ୍ରରୁ ଜଣାପଡୁଛି ଯେ ସରକାରଙ୍କର ୪୪ଟି ବିଭାଗ ମଧ୍ୟରୁ ୧୬ଟି ବିଭାଗରେ ଜାନୁଆରୀ ୨୦୨୬ ଶେଷ ଶୁଦ୍ଧା ଗତ ଆର୍ଥିକ ବର୍ଷର ବରାଦର ଶତକଡା ୫୦ ଭାଗ ଖର୍ଚ୍ଚ କରାଯାଇପାରି ନାହିଁ। ତେଣୁ ସରକାରଙ୍କର ବଡ ବଡ ଅଙ୍କର ଘୋଷଣା ଯେ କେବଳ ଲୋକଙ୍କୁ ଭୁଲେଇବା ପାଇଁ ଧୂଆଁବାଣ

*(ଅବଶିଷ୍ଟାଂଶ ୪ର୍ଥ ପୃଷ୍ଠାରେ)*

## ଭାରତ - ମାର୍କିନ୍ ବାଣିଜ୍ୟ ଚୁକ୍ତି : ଏକଚାଟିଆ ପୁଞ୍ଜିପତି ଶ୍ରେଣୀ ସ୍ୱାର୍ଥରେ କେନ୍ଦ୍ର ବିଜେପି ସରକାର ଦେଶର ଚାଷୀ ଓ ସାଧାରଣ ଲୋକଙ୍କୁ ସମ୍ପୂର୍ଣ୍ଣ ଅନିଶ୍ଚିତତା ମଧ୍ୟକୁ ଠେଲି ଦେଲା

ସାମ୍ରାଜ୍ୟବାଦର ବର୍ତ୍ତମାନ ଯୁଗରେ ଅବାଧ ବାଣିଜ୍ୟ ବୋଲି କିଛି ନାହିଁ। କୌଣସି ରାଷ୍ଟ୍ରନେତାଙ୍କ ସହ ଅନ୍ୟ ଜଣେ ରାଷ୍ଟ୍ରନେତାଙ୍କ ସମ୍ପର୍କ କିପରି, କିଏ କାହାକୁ ନିଜର ଘନିଷ୍ଠ ବନ୍ଧୁ ବୋଲି ପରିଚୟ ଦେଉଛନ୍ତି କିମ୍ବା ଦେଖାହେଲେ କେତେ ଜୋରରେ କୋଳାଗ୍ରତ କରୁଛନ୍ତି - ଏସବୁ ଦ୍ୱାରା ଦୁଇଟି ଦେଶ ମଧ୍ୟରେ ବାଣିଜ୍ୟିକ ସମ୍ପର୍କ ଗଢ଼ିଉଠେ ନାହିଁ। ଭାରତ-ମାର୍କିନ୍ ବାଣିଜ୍ୟ ଚୁକ୍ତି ଏହାର ପ୍ରକୃଷ୍ଟ ଉଦାହରଣ।

ବାସ୍ତବରେ ଯାହାର ପୁଞ୍ଜିର ଜୋର୍ ଯେତେ ବେଶୀ, ସେ ସେତେ ଅଧିକ ନିୟନ୍ତ୍ରକର ଭୂମିକାରେ ଥାଏ। ଭାରତ-ମାର୍କିନ୍ ଚୁକ୍ତିରେ ସେହି ନିୟନ୍ତ୍ରଣ ଭୂମିକାରେ ରହିଛି ଆମେରିକା। ତେଣୁ ମିଳିତ ଘୋଷଣା ପରିବର୍ତ୍ତେ ଚୁକ୍ତି ସଂପର୍କରେ ସବୁକିଛି ଆମେରିକାର ପ୍ରେସିଡେଣ୍ଟ ଟ୍ରମ୍ପ ହିଁ ଘୋଷଣା କଲେ। ଏପରିକି ଭାରତ କ'ଣ କ'ଣ କିଣିବାକୁ ରାଜି ହୋଇଛି, ତାହା ମଧ୍ୟ ଟ୍ରମ୍ପ କହିଦେଲେ। ଚୁକ୍ତିରେ ଆମେରିକା ନିକଟରେ ଭାରତର ନତିସ୍ୱୀକାର ପୁରାପୁରି ସ୍ପଷ୍ଟ। ଏହି ନତିସ୍ୱୀକାରର କାରଣ ହୋଇଛି ଚୁକ୍ତି ଫଳରେ ଭାରତର କୃଷକ ସମାଜ ସହ ସଂଖ୍ୟାଗରିଷ୍ଠ ଖଟିଖିଆ ମଣିଷ ବିପୁଳ କ୍ଷତିର ସମ୍ମୁଖୀନ ହେବେ, ମାତ୍ର ଏଥିରେ ଦେଶର ଏକଚାଟିଆ ପୁଞ୍ଜିର ମାଲିକମାନେ ଲାଭବାନ ହେବେ। ବିଷୟଟିକୁ ଅନୁଧ୍ୟାନ କରାଯାଉ।

ପ୍ରଥମେ ଭାରତ ସହିତ ବିପୁଳ ବାଣିଜ୍ୟିକ ନିଅଣ୍ଟ ହ୍ରାସ କରିବାକୁ ୨୫% ଏବଂ ପରେ ଋଷିଆରୁ ତେଲ ଆମଦାନୀ ବାହାନାରେ ଆଉ ୨୫%, ମୋଟ ୫୦% ଶୁଳ୍କ ଲଗାଇଥିଲେ ଡୋନାଲ୍ଡ ଟ୍ରମ୍ପ। ତ୍ରାହି ତ୍ରାହି ଡାକ ପଡ଼ିଥିଲା ଦେଶର ଶିଳ୍ପ

*(ଅବଶିଷ୍ଟାଂଶ ୩ୟ ପୃଷ୍ଠାରେ)*

### ଭିତର ପୃଷ୍ଠାରେ


- ★ ପ୍ରଧାନମନ୍ତ୍ରୀ ଧନ-ଧାନ୍ୟ କୃଷି ଯୋଜନା : ଏକ ବିଭ୍ରାନ୍ତକାରୀ ପ୍ରସ୍ତାବ
- ★ ମଣ୍ଡିରେ ଚାଷୀ ଅଖିଆ ଅପିଆ ମରୁଛି ହେଲେ ବାହାସ୍ଫୋଟରେ ରାଜ୍ୟ ସରକାରଙ୍କର ତୁଳନା ନାହିଁ
- ★ ମାର୍କ୍ସବାଦ ହେଉଛି ଗୋଟିଏ ସୁସଂହତ ବିଶ୍ୱଦୃଷ୍ଟିଭଙ୍ଗୀ - ଜୋସେଫ ଷ୍ଟାଲିନ
- ★ ଗିଗ୍ ୱାର୍କର - ମୃତ୍ୟୁକୁ ପରୱା ନକରି କେବଳ ଧାଇଁବା ହିଁ ଜୀବନ

# ପ୍ରଧାନମନ୍ତ୍ରୀ ଧନ-ଧାନ୍ୟ କୃଷି ଯୋଜନା : ଏକ ବିଭ୍ରାନ୍ତକାରୀ ପ୍ରସ୍ତାବ

୨୦୨୫ ଅକ୍ଟୋବର ୨୫ ତାରିଖରେ, ପ୍ରଧାନମନ୍ତ୍ରୀ ମୋଦୀଙ୍କ ଦ୍ୱାରା 'ପ୍ରଧାନମନ୍ତ୍ରୀ ଧନ-ଧାନ୍ୟ କୃଷି ଯୋଜନା (PMDDKY)' ନାମକ ଏକ ଯୋଜନାର ଜାତୀୟ ଶୁଭାରମ୍ଭ କରାଯାଇଛି। ଏହି ଯୋଜନାରେ ସେ ଚାଷୀମାନଙ୍କୁ ଧାନ ଏବଂ ଗହମ ଉତ୍ପାଦନରୁ ଦୃଷ୍ଟି ହଟାଇ ରପ୍ତାନୀ ହୋଇପାରୁଥିବା ଫସଲ ଉତ୍ପାଦନ ଉପରେ ଧାନ ଦେବାକୁ ପରାମର୍ଶ ଦେଇଛନ୍ତି। କେରଳର ପାଲାକ୍କାଡ ଜିଲ୍ଲାର ଆଲାଥୁର ସ୍ଥିତ ବିହନ ଉତ୍ପାଦନ କେନ୍ଦ୍ରରେ ପନିପରିବା ଏବଂ ଫଳ ପ୍ରୋତ୍ସାହନ ପରିଷଦ ଦ୍ୱାରା ଆୟୋଜିତ ଏକ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଏହି ଯୋଜାନର ଘୋଷଣା କରିଥିଲେ।

**ଏହି ଯୋଜନାରେ ନୂଆ କ'ଣ ଅଛି ?**

ଆସନ୍ତୁ ଏହି ବହୁ ପ୍ରଚାରିତ ଯୋଜନା ସଂପର୍କରେ ସଂକ୍ଷେପରେ ଆଲୋଚନା କରିବା। ଭାରତ ସରକାରଙ୍କ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ ଅଧୀନରେ ଥିବା କୃଷି ଓ କୃଷକ କଲ୍ୟାଣ ବିଭାଗ ଦ୍ୱାରା ପ୍ରକାଶିତ 'କାର୍ଯ୍ୟକାରୀ ମାର୍ଗଦର୍ଶିକା (୨୦୨୫)' ଅନୁଯାୟୀ, ଏହି ଯୋଜନା ଦେଶର ଅଣ-ଉନ୍ନତ କୃଷି କ୍ଷେତ୍ରଗୁଡିକର କୃଷି ଉତ୍ପାଦନ ବୃଦ୍ଧି ପାଇଁ ଉଦ୍ଦିଷ୍ଟ। ଏହା କମ୍ ଉତ୍ପାଦନଶୀଳତା, ଅପର୍ଯ୍ୟାପ୍ତ ଭିତ୍ତିଭୂମି ଏବଂ ଦୁର୍ବଳ ଋଣ ସୁବିଧାର ମୂଳ କାରଣଗୁଡିକୁ ସମାଧାନ କରିବାର ଏକ ପ୍ରୟାସ ବୋଲି ସରକାର ପ୍ରକାଶ କରିଛନ୍ତି। ସରକାରଙ୍କ ଘୋଷଣା ଅନୁଯାୟୀ ଏହାର ଲକ୍ଷ୍ୟ ହେଉଛି ଦେଶର ୧୦୦ଟି ଜିଲ୍ଲାରେ ପ୍ରଚଳିତ ଯୋଜନାଗୁଡିକ ମଧ୍ୟରେ ସମନ୍ୱୟ ଏବଂ ପ୍ରମୁଖ ମନ୍ତ୍ରଣାଳୟଗୁଡିକ ଦ୍ୱାରା ଗୃହୀତ ବିଶେଷ ପଦକ୍ଷେପ ମାଧ୍ୟମରେ ଏକ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଏକ ସ୍ଥାୟୀ ଏବଂ ଉତ୍ପାଦନକ୍ଷମ କୃଷି ବ୍ୟବସ୍ଥା ସୃଷ୍ଟି କରିବା। ଏହି ଯୋଜନା ଗ୍ରାମୀଣ ଭାରତରେ କୃଷିର ପୁନରୁଦ୍ଧାର କରିବ, କୃଷକଙ୍କ ଆୟରେ ଉନ୍ନତି ଆଣିବ ଏବଂ ଦୀର୍ଘକାଳୀନ ସ୍ଥିରତା ଓ ଖାଦ୍ୟ ନିରାପତ୍ତା ସୁନିଶ୍ଚିତ କରିବ ବୋଲି ସରକାର ଦାବି କରୁଛନ୍ତି। ସରକାର ଦାବି କରୁଛନ୍ତି ଯେ, ଏହି ଯୋଜନା ଫଳରେ 'କୃଷକଙ୍କ ଆୟ ଦ୍ୱିଗୁଣିତ ହେବ'। ୨୦୧୪ ନିର୍ବାଚନ ପ୍ରଚାର ସମୟରେ ବିଜେପି ଦ୍ୱାରା କରାଯାଇଥିବା ପ୍ରତିଶ୍ରୁତି ଏବଂ ପରବର୍ତ୍ତୀ ସମୟରେ ୨୦୨୨ ମସିହା ମଧ୍ୟରେ ଚାଷୀମାନଙ୍କ ଆୟ ଦୁଇଗୁଣ କରିବା ପାଇଁ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଦ୍ୱାରା ଦିଆଯାଇଥିବା ଆଶ୍ୱାସନାର ପ୍ରତିଧ୍ୱନି ମାତ୍ର। କିନ୍ତୁ, ସମସ୍ତେ ଜାଣନ୍ତି ଯେ, ସେହି ଆଶ୍ୱାସନା ବାସ୍ତବ ରୂପ ନେଇନାହିଁ।

ଆହୁରି କୁହାଯାଇଛି ଯେ 'PMDDKY' ହେଉଛି ଛଅ ବର୍ଷ (୨୦୨୫-୨୬ ରୁ ୨୦୩୦-୩୧) ପାଇଁ ୨୪,୦୦୦ କୋଟି ଟଙ୍କାର ବାର୍ଷିକ ବଜେଟ୍ ବିଶିଷ୍ଟ ଏକ ଯୋଜନା। ଅନ୍ୟ ଭାଷାରେ କହିଲେ ଆଗାମୀ ପାଂଚ ବର୍ଷ ମଧ୍ୟରେ ୧.୭ କୋଟି କୃଷକଙ୍କୁ ସହାୟତା କରିବା ପାଇଁ ୧.୪୪ ଲକ୍ଷ କୋଟି ଟଙ୍କା ଧାର୍ଯ୍ୟ କରାଯାଇଛି। ବିଶେଷ କରି ୨ ହେକ୍ଟରରୁ କମ୍ ଜମି ଥିବା କ୍ଷୁଦ୍ର ଏବଂ ନାମମାତ୍ର ଚାଷୀ ମାନଙ୍କ ପାଇଁ ଏହି ଯୋଜାନ ଉଦ୍ଦିଷ୍ଟ। ସୂଚନାଯୋଗ୍ୟ ଦେଶର ଶତକଡା ୮୬ଭାଗ ଚାଷୀଙ୍କ ହାତରେ ହାରାହାରି ୨ହେକ୍ଟରରୁ କମ ଜମି ରହିଛି। (ଅର୍ଥନୈତିକ ସର୍ବେକ୍ଷଣ ୨୦୨୪-୨୫)।

ପୁଣି ଏଥିରେ କୁହାଯାଇଛି ଯେ, ପ୍ରଥମେ ଆରମ୍ଭ କରାଯାଉଥିବା ୧୦୦ଟି ଜିଲ୍ଲାରେ ଏହି ଯୋଜନାର ସଫଳତା ହାସଲ ହେବା ପରେ କେନ୍ଦ୍ର ସରକାର ରାଜ୍ୟଗୁଡିକ ସହ ସହଭାଗିତାରେ ପ୍ରଚଳିତ ଯୋଜନାଗୁଡିକର ସମନ୍ୱୟ ଏବଂ ନୂତନ ବିଶେଷ ପଦକ୍ଷେପ ମାଧ୍ୟମରେ 'ପ୍ରଧାନମନ୍ତ୍ରୀ ଧନ-ଧାନ୍ୟ କୃଷି ଯୋଜନା' ଆରମ୍ଭ କରିବେ

**ଏହି ଯୋଜନାର ଉଦ୍ଦେଶ୍ୟ**

କେନ୍ଦ୍ର ସରକାରଙ୍କ ଘୋଷଣା ଅନୁଯାୟୀ ଏହି ଯୋଜନାର ଲକ୍ଷ୍ୟ ହେଉଛି (୧) କୃଷି ଉତ୍ପାଦନ ବୃଦ୍ଧି କରିବା, (୨) ଫସଲ ବିବିଧକରଣ ଏବଂ ସ୍ଥାୟୀ କୃଷି ପଦ୍ଧତି ଆପଣେଇବା, (୩) ପଂଚାୟତ ଏବଂ ବ୍ଲକ ସ୍ତରରେ ଫସଲ ଅମଳ ପରବର୍ତ୍ତୀ ସଂରକ୍ଷଣ କ୍ଷମତା ବୃଦ୍ଧି କରିବା, (୪) ଜଳସେଚନ ବ୍ୟବସ୍ଥାର ଉନ୍ନତି ଆଣିବା ଏବଂ (୫) ଚାଷ ପାଇଁ ସହଜରେ ଦୀର୍ଘକାଳୀନ ଓ ସ୍ୱଳ୍ପକାଳୀନ ଋଣ ଯୋଗାଣକୁ ସହଜ କରିବା, ଏହି ମହତ୍ୱାକାଂକ୍ଷୀ କାର୍ଯ୍ୟକ୍ରମର ସଫଳତା ସୁନିଶ୍ଚିତ କରିବା ପାଇଁ ସରକାର ବିଭିନ୍ନ ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ହେଉଥିବା ଯୋଜନା ଗୁଡିକର ସଦୁପଯୋଗ କରିବା।

ଏକ ସାଧାରଣ ବୁଝାମଣା ପାଇଁ, ଆମେ ଏଠାରେ କୃଷି ଏବଂ କୃଷକ କଲ୍ୟାଣ ବିଭାଗ ଦ୍ୱାରା ସଂପ୍ରତି ପରିଚାଳିତ କେତୋଟି ଯୋଜନା ସଂପର୍କରେ ଉଲ୍ଲେଖ କରୁଛୁ। ଏଗୁଡିକ ହେଉଛି ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି (PM-KISAN), ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା (PMFBY), ପୁନର୍ଗଠିତ ପାଣିପାଗ ଆଧାରିତ ଫସଲ ବୀମା ଯୋଜନା (RWBCIS), କିଷାନ କ୍ରେଡିଟ୍ କାର୍ଡ (KCC) ମାଧ୍ୟମରେ ସଂଶୋଧିତ ସୁଧ ରିହାତି ଯୋଜନା (MISS), କୃଷି ଭିତ୍ତିଭୂମି ପାଣ୍ଠି (AIF), ସମନ୍ୱିତ କୃଷି ବିପଣନ ଯୋଜନା (ISAM), ୧୦,୦୦୦ ନୂତନ କୃଷକ ଉତ୍ପାଦକ ସଂଗଠନ (FPO) ର ଗଠନ ଏବଂ ପ୍ରୋତ୍ସାହନ ଇତ୍ୟାଦି। ତେବେ ଉଲ୍ଲେଖ କରିବା ବାହୁଲ୍ୟ ଯେ, ଏହି ବହୁ ପ୍ରଚାରିତ ଯୋଜନା ଗୁଡିକ ଚାଷୀ ମାନଙ୍କର ଦୁର୍ଦ୍ଦଶାକୁ ସାମାନ୍ୟ ଲାଘବ କରିବାରେ ମଧ୍ୟ ସକ୍ଷମ ହୋଇନାହିଁ।

ତେବେ ଏହି ନୂତନ ଯୋଜନା ଅନୁଯାୟୀ ସରକାର ଅନ୍ୟାନ୍ୟ ବିଷୟ ସହିତ ନିମ୍ନଲିଖିତ ଦିଗ ଗୁଡିକ ସଂପର୍କରେ ସର୍ଭେ କରିବେ।

(i) ମୁଖ୍ୟ ଫସଲ, ଫଳ ଏବଂ ପନିପରିବାର କୃଷି ଉତ୍ପାଦନଶୀଳତା ଏବଂ ସେହି ବ୍ଲକ କିମ୍ବା ଗ୍ରାମଗୁଡିକୁ ଚିହ୍ନଟ କରିବା, ଯେଉଁଠି ଉତ୍ପାଦନ ଜିଲ୍ଲା ହାରାହାରିଠାରୁ କମ୍ ଅଛି।

(ii) କମ୍ ଉତ୍ପାଦନଶୀଳତାର କାରଣ ଗୁଡିକର ଏକ ରୋଗ ବିଶ୍ଳେଷଣ ଯାହାଦ୍ୱାରା ସ୍ୱଳ୍ପ, ମଧ୍ୟମ ଏବଂ ଦୀର୍ଘକାଳୀନ ପଦକ୍ଷେପ ଚିହ୍ନଟ କରାଯାଇପାରିବ ଏବଂ ପ୍ରଚଳିତ ଯୋଜନାଗୁଡିକ ସହିତ ସଂଯୋଗ କରାଯାଇପାରିବ।

(iii) ଗୋଦାମ ଘର, ପକ୍ୱତା କେନ୍ଦ୍ର (ripening chambers), ବଜାର ପ୍ରାଙ୍ଗଣ ଇତ୍ୟାଦି ସମେତ ଅମଳ ପରବର୍ତ୍ତୀ ଭିତ୍ତିଭୂମିର ଅଭାବ ଚିହ୍ନଟ କରିବା।

(iv) ଶୀତଳ ଭଣ୍ଡାର, ଶୀତଳୀକରଣ ଭ୍ୟାନ୍ ଇତ୍ୟାଦି ସମେତ କୋଲ୍ଡ ଚେନ୍ କ୍ଷେତ୍ରରେ ଅଭାବ ଚିହ୍ନଟ କରିବା।

(v) ମତ୍ସ୍ୟ ଏବଂ ଦୁଗ୍ଧର ହାରାହାରି ଉତ୍ପାଦନ ଏବଂ ଏହା କମ୍ ହେବାର କାରଣ ନିର୍ଦ୍ଧାରଣ।

(vi) ଜିଲ୍ଲାର ମୃତ୍ତିକା ସ୍ୱାସ୍ଥ୍ୟ ମାନଚିତ୍ର ପ୍ରସ୍ତୁତ କରି ମୁଖ୍ୟ ପୋଷକ ତତ୍ତ୍ୱର ଅଭାବ ଚିହ୍ନଟ କରିବା।

(vii) ଉଦ୍ୟାନ କୃଷି ପାଇଁ ବିହନ, ଚାରା ଉପଲବ୍ଧତା କ୍ଷେତ୍ରରେ ଅଂଚଳ ଭିତ୍ତିକ ଅଭାବ ଏବଂ ଜିଲ୍ଲାର ପ୍ରମୁଖ ଫସଲଗୁଡିକ ପାଇଁ ଅତ୍ୟାଧୁନିକ ଜଳବାୟୁ ସହନଶୀଳ ବିହନର ଉପଲବ୍ଧତା।

(viii) ଜିଲ୍ଲାରେ ଋଣ-ଜମା ଅନୁପାତ ଏବଂ ଅଗ୍ରାଧିକାର ପ୍ରାପ୍ତ କ୍ଷେତ୍ରର ଋଣ ସ୍ତର ଏବଂ ଜିଲ୍ଲା ଋଣ ଯୋଜନାର ଲକ୍ଷ୍ୟ ହାସଲ କରିବାରେ ବିଫଳତାର କାରଣ।

(ix) ପ୍ରାକୃତିକ ବିପର୍ଯ୍ୟୟ, ଫସଲର କୀଟ ଓ ରୋଗ ଏବଂ ଗୃହପାଳିତ ପଶୁଙ୍କ ରୋଗ ପାଇଁ ସମ୍ବେଦନଶୀଳ ଅଂଚଳ ଚିହ୍ନଟ।

ଉପରୋକ୍ତ ବେସଲାଇନ୍ ସର୍ଭେ ଏବଂ ରୋଗ ନିରୂପଣ ବିଶ୍ଳେଷଣ ଉପରେ ଆଧାରକରି, ପ୍ରତ୍ୟେକ ଜିଲ୍ଲା ଏକ ବିସ୍ତୃତ ଏବଂ ସ୍ଥାୟୀ କୃଷି ତଥା ଆନୁଷଙ୍ଗିକ କ୍ଷେତ୍ର ବିକାଶ ଯୋଜନା ପ୍ରସ୍ତୁତ କରିବ, ଯାହା କୃଷି-ଜଳବାୟୁ ଅଂଚଳ ଏବଂ ସମ୍ବଳ ଅନୁଯାୟୀ ହେବ, ଯେଉଁଥିରେ ନିମ୍ନଲିଖିତ ବିଷୟଗୁଡ଼ିକ ରହିବ:

(ସ) ଫସଲର ସାନ୍ଦ୍ରତା, ଉତ୍ପାଦନଶୀଳତା, ଅମଳ ପରବର୍ତ୍ତୀ ଭିତ୍ତିଭୂମି, ଉଦ୍ୟାନ କୃଷି/ ମତ୍ସ୍ୟ ଚାଷ/ ପଶୁପାଳନ ପାଇଁ ଆବଶ୍ୟକ ଋଣ ପ୍ରଦାନ ସହିତ ଜଡିତ ପାଂଚ ବର୍ଷର ଫଳାଫଳ ଭତ୍ତିକ ଲକ୍ଷ୍ୟ।

(ii) ପାଂଚ ବର୍ଷ ମଧ୍ୟରେ ଲକ୍ଷ୍ୟ ହାସଲ କରିବା ପାଇଁ ଆବଶ୍ୟକ ହେଉଥିବା ବିଭିନ୍ନ ଯୋଜନାର ଲକ୍ଷ୍ୟ। ଏହି ଲକ୍ଷ୍ୟଗୁଡିକୁ ଭିତ୍ତିଭୂମି ଏବଂ ଆର୍ଥିକ ଦୃଷ୍ଟିକୋଣରୁ ପାଂଚ ବର୍ଷର ବାର୍ଷିକ ଲକ୍ଷ୍ୟରେ ବିଭକ୍ତ କରାଯାଇପାରିବ।

(iii) ଏହି ଯୋଜନା କାର୍ଯ୍ୟକାରୀ କରିବାପାଇଁ ଜିଲ୍ଲାସ୍ତରୀୟ ଅଧିକାରୀଙ୍କୁ ନିର୍ଦ୍ଦିଷ୍ଟ ଦାୟିତ୍ୱ ଏବଂ ଏହି ଲକ୍ଷ୍ୟ ହାସଲ ପାଇଁ ଦାୟିତ୍ୱବାନ ସଂସ୍ଥା ଚିହ୍ନଟ କରିବା ମଧ୍ୟ ଅନ୍ତର୍ଭୁକ୍ତ ହେବ। 'PMDDKY' ରେ ଏହି ସମସ୍ତ ଗୁଡିକର ପରିକଳ୍ପନା କରାଯାଇଛି।

ବର୍ତ୍ତମାନ ଆସନ୍ତୁ ଦେଶର ଚାଷୀ କୂଳର ସ୍ଥିତି ସଂପର୍କରେ ସଂକ୍ଷେପରେ ଆଲୋଚନା କରିବା। ସୂଚନାଯୋଗ୍ୟ ଚାଷୀମାନେ ହେଉଛନ୍ତି ଗ୍ରାମୀଣ ଜନସଂଖ୍ୟାର ପ୍ରାୟ ଶତକଡା ୬୪ଭାଗ। ପୁଞ୍ଜିବାଦୀ ଜଗତୀକରଣ-ଘରୋଇକରଣ-ଉଦାରୀକରଣ ନୀତି ଘୋଷଣା ହେବା ପରେ, କେନ୍ଦ୍ର ଏବଂ ରାଜ୍ୟ ଉଭୟ ସରକାରଙ୍କ ଆଭିମୁଖ୍ୟ ମୌଳିକ ଭାବେ ପରିବର୍ତ୍ତିତ ହୋଇଛି। କୃଷି କ୍ଷେତ୍ରରେ ସରକାରୀ ପ୍ରାଧାନ୍ୟ ବଦଳରେ ବୃହତ ବହୁରାଷ୍ଟ୍ରୀୟ କମ୍ପାନୀଗୁଡିକର ପ୍ରବେଶ ଉପରେ ଗୁରୁତ୍ୱ ଦିଆଯାଇଛି। ଯାହାଦ୍ୱାରା ସେମାନେ ଉପକରଣ(inputs) ଏବଂ ସଂଗ୍ରହ (procurement) ଉଭୟ ବଜାରକୁ ନିୟନ୍ତ୍ରଣ କରି ବିପୁଳ ଲାଭ କରିପାରିବେ। ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱାଧୀନ ବିଜେପି ସରକାର କେନ୍ଦ୍ରରେ କ୍ଷମତାସୀନ ହେବା ପରେ, ଚାଷୀଙ୍କ ସମେତ ଶ୍ରମଜୀବୀ ଜନସାଧାରଣଙ୍କ ଉପରେ ନିର୍ମମ ପୁଞ୍ଜିବାଦୀ ଆକ୍ରମଣ ବହୁଗୁଣିତ ହୋଇଛି। ଫଳସ୍ୱରୂପ, କୃଷି କ୍ଷେତ୍ର ମଧ୍ୟ ତୀବ୍ର ଅସମ୍ଭବ ସଙ୍କଟ ଦ୍ୱାରା ଆକ୍ରାନ୍ତ ହୋଇଛି। କୃଷକ, କୃଷି ଓ ଅନ୍ୟାନ୍ୟ ଅଂସଗଠିତ କ୍ଷେତ୍ରର ଶ୍ରମିକ, ଆଦିବାସୀ ପ୍ରଭୃତିଙ୍କୁ ନେଇ ଗଠିତ ଗ୍ରାମୀଣ ଜନସଂଖ୍ୟାର ଏକ ବିରାଟ ଅଂଶ ଜଗତିକରଣ ଯୋଗୁ ଗତ ସାଢେ ତିନି ଦଶନ୍ଧି ଧରି ତୀବ୍ର ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ଋଣଯନ୍ତା ଜନିତ ଏବଂ ଆତ୍ମହତ୍ୟା ସଂଖ୍ୟା ବଢିବାରେ ଲାଗିଛି। କୃଷି ପାଇଁ ଆବଶ୍ୟକ ବିହନ, ସାର, ପୋକମରା ଔଷଧ ଓ କୃଷି ଯନ୍ତ୍ରପାତିର ମୂଲ୍ୟ ବୃଦ୍ଧି ଏବଂ କୃଷିଜାତ ଦ୍ରବ୍ୟର କୃଷକଙ୍କ ଜୀବନରେ ଏହି ସଙ୍କଟ ସୃଷ୍ଟି କରୁଛି। ତେଣୁ, ସର୍ବସ୍ୱାନ୍ତ କୃଷକଙ୍କ କଷ୍ଟ ଲାଘବ କରିବା ପ୍ରସଙ୍ଗ ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ। ଯେପର୍ଯ୍ୟନ୍ତ ବିହନ, ସାର, କୀଟନାଶକ, ଡିଜେଲ ଇତ୍ୟାଦି ଉପକରଣର ମୂଲ୍ୟ କୃଷକଙ୍କ ସାମର୍ଥ୍ୟ ମଧ୍ୟକୁ ଅଣା ନଯାଇଛି ଏବଂ ଅତି କମରେ ସମସ୍ତ କୃଷିଜାତ ଦ୍ରବ୍ୟ ପାଇଁ $C_2$ + ୫୦% ସୂତ୍ର ଆଧାରରେ ସର୍ବନିମ୍ନ ସହାୟକ ମୂଲ୍ୟ (MSP) ରେ ସରକାରୀ ନିୟନ୍ତ୍ରିତ ବ୍ୟବସ୍ଥା ଦ୍ୱାରା ଫସଲ ସଂଗ୍ରହ ସୁନିଶ୍ଚିତ କରାଯାଇ ନାହିଁ, ସେପର୍ଯ୍ୟନ୍ତ କୃଷକଙ୍କ ଅବସ୍ଥାରେ ଉନ୍ନତି ହୋଇପାରିବ ନାହିଁ। ଏହି ପରିପ୍ରେକ୍ଷୀରେ ଆସନ୍ତୁ ସେହି ୧୩ ମାସ ଧରି ଚାଲିଥିବା ଐତିହାସିକ ଦିଲ୍ଲୀ କୃଷକ ଆନ୍ଦୋଳନକୁ ମନେ ପକାଇବା ଆବଶ୍ୟକ। ଯେଉଁଥିରେ ୭୫୦ରୁ ଅଧିକ ପ୍ରଦର୍ଶନକାରୀ କୃଷକ ଶହୀଦ ହୋଇଥିଲେ। ଆନ୍ଦୋଳନର ଚାପରେ ପ୍ରଧାନମନ୍ତ୍ରୀ ତିନୋଟି କଳା କୃଷି ଆଇନ ପ୍ରତ୍ୟାହାର କରିବା ସହ ଏକ ଗ୍ୟାରେଣ୍ଟିଯୁକ୍ତ MSP ବ୍ୟବସ୍ଥା ପ୍ରଚଳନ କରିବା ପାଇଁ ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ତା'ପରେ ହିଁ ସେହି ଗୌରବମୟ ଆନ୍ଦୋଳନ ପ୍ରତ୍ୟାହାର କରାଯାଇଥିଲା। ପ୍ରତିଶ୍ରୁତି ରକ୍ଷା କରିବା ପରିବର୍ତ୍ତେ, ସରକାର ବର୍ତ୍ତମାନ କୃଷି ଏବଂ କୃଷକ ଉକଲ୍ୟାଣ ମନ୍ତ୍ରଣାଳୟ ମାଧ୍ୟମରେ 'କୃଷି ବିପଣନ ଉପରେ ନୂତନ ଜାତୀୟ ନୀତିଗତ ଢାଂଚା (New National Policy Framework on Agricultural Marketing) ମାଧ୍ୟମରେ ପଛପଟ ଦ୍ୱାର ଦେଇ କୃଷି କ୍ଷେତ୍ରରେ ବହୁରାଷ୍ଟ୍ରୀୟ କମ୍ପାନୀଗୁଡିକର ପ୍ରବେଶ ପାଇଁ ସେହି ତିନୋଟି କଳା ଆଇନକୁ ଫେରାଇ ଆଣିବାକୁ ଚେଷ୍ଟା କରୁଛନ୍ତି। ଏହା ଜଣାପଡିଛି ଯେ ଏହି ନୂତନ ନୀତି ମାଧ୍ୟମରେ ଏପିଏମ୍ସି(APMC) ମଣ୍ଡି ଏବଂ ସାରା ଦେଶରେ ବ୍ୟାପିଥିବା ହଜାର ହଜାର କୃଷି ବଜାର ତଥା ଗ୍ରାମୀଣ ହାଟଗୁଡ଼ିକୁ ଭାଙ୍ଗି ଦେଇ କୃଷି ବିପଣନକୁ ବୃହତ କୃଷି ସଂସ୍ଥାଗୁଡ଼ିକ ହାତକୁ ଟେକିଦେବାକୁ ଲକ୍ଷ୍ୟ ରଖିଛି। ପୁଣି, ଚୁକ୍ତିଭିତ୍ତିକ ଚାଷକୁ ପ୍ରୋତ୍ସାହିତ କରିବା ପାଇଁ ବ୍ୟବସ୍ଥା ମଧ୍ୟ ନୂତନ ଢାଂଚାରେ ଅନ୍ତର୍ଭୁକ୍ତ କରାଯାଇଛି। ଏହା ଧାନ, ଗହମ, ଡାଲି, ପନିପରିବା, ତୈଳବୀଜ, କ୍ଷୀର, ମାଂସ ଇତ୍ୟାଦି ସମସ୍ତ କୃଷିଜାତ ଦ୍ରବ୍ୟର ଘରୋଇକରଣ ପାଇଁ ଏକ ବିସ୍ତୃତ ଯୋଜନା ବୋଲି ପ୍ରମାଣିତ ହୋଇଛି। କୃଷକମାନଙ୍କ ତୀବ୍ର ବିରୋଧ ଏବଂ ଆନ୍ତର୍ଜାତୀୟ ପରିସ୍ଥିତିରେ ନିକଟରେ ଘଟିଥିବା ପରିବର୍ତ୍ତନ ଯୋଗୁଁ ସରକାର ଏହାକୁ ସାମୟିକ

*(ଅବଶିଷ୍ଟାଂଶ ୩ୟ ପୃଷ୍ଠାରେ)*

## ଭାରତ - ମାର୍କିନ୍ . . .

*(୧ମ ପୃଷ୍ଠାର ଅବଶିଷ୍ଟାଂଶ)*

ମହଲରେ। କାରଣ ଭାରତ ଆମେରିକାକୁ ସବୁଠାରୁ ଅଧିକ ସାମଗ୍ରୀ ରପ୍ତାନୀ କରେ। ତା'ପରେ ଦୀର୍ଘ ଦର କଷାକଷି, ଯାହା ବାସ୍ତବରେ ଭାରତ ସରକାର ଉପରେ ମାର୍କିନ୍ ପୁଞ୍ଜିର ଚାପ ବ୍ୟତୀତ କିଛି ନୁହେଁ, ଶେଷରେ ୧୮% ଶୁଳ୍କ ମାନିନେଇ ଭାରତ-ଆମେରିକା ମଧ୍ୟବର୍ତ୍ତୀ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷରିତ ହେବ ବୋଲି ଘୋଷଣା କଲେ। ଏହା ସହିତ ଭାରତ ୫୦,୦୦୦ କୋଟି ଡଲାରର ପଣ୍ୟ ଓ ସେବା ଆମେରିକାରୁ କିଣିବାକୁ 'ଦାୟବଦ୍ଧ' ବୋଲି ଲିଖିତ ପ୍ରତିଶ୍ରୁତି ଦେଇଛି ବୋଲି ମଧ୍ୟ ଟ୍ରମ୍ପ ଘୋଷଣା କଲେ। ଅନ୍ୟପଟେ ଆମେରିକାର ସମସ୍ତ ଶିଳ୍ପଜାତ ପଣ୍ୟ ଏବଂ ସେହି ଦେଶର ଖାଦ୍ୟ ଓ କୃଷିଜାତ ପଣ୍ୟର ଏକ ବଡ଼ ଅଂଶ ଉପରେ ଭାରତ ଆମଦାନୀ ଶୁଳ୍କ ଉଠାଇ ଦେଇଛି କିମ୍ବା ବହୁ ପରିମାଣରେ କମାଇ ଦେଇଛି। ବୁଝିବାରେ ଅସୁବିଧା ନାହିଁ ଯେ, ଭାରତୀୟ ପଣ୍ୟ ଉପରେ ଚଢ଼ା ଶୁଳ୍କର ଚାପ ଦେଇ ଭାରତୀୟ ବଜାର ମାର୍କିନ୍ ପଣ୍ୟ ପାଇଁ ଖୋଲିଦେବା ଉଦ୍ଦେଶ୍ୟରେ ହିଁ ଟ୍ରମ୍ପ ଶତକଡା ୫୦ଭାଗ ଶୁଳ୍କ ବୃଦ୍ଧି କରିଥିଲେ।

### ଆମେରିକାରୁ ଭାରତର ଆମଦାନୀ ତିନିଗୁଣ ବଢ଼ିବ

ଏହି ଚୁକ୍ତି ଘୋଷିତ ହେବାପରେ ସ୍ୱାଭାବିକ ଭାବେ ଦେଶବ୍ୟାପୀ ପ୍ରବଳ ପ୍ରତିବାଦର ସ୍ୱର ଉଠୁଛି। ଚୁକ୍ତିରେ ଯେଉଁଭାବେ ଆମେରିକାକୁ ସମସ୍ତ ଶିଳ୍ପ ଏବଂ କୃଷିଜାତ ପଣ୍ୟ ଆମଦାନୀରେ ଶୁଳ୍କ ଛାଡ଼ ଦିଆଯାଇଛି, କିଛି କ୍ଷେତ୍ରରେ ଶୁନ୍ୟ ଶୁଳ୍କ କରାଯାଇଛି, ତା' ଫଳରେ ଭାରତୀୟ କୃଷକମାନେ ବିରାଟ କ୍ଷତି ସହିବେ। ଭାରତର ମଧ୍ୟମ ଓ କ୍ଷୁଦ୍ର ଶିଳ୍ପଗୁଡ଼ିକ ମଧ୍ୟ ମାର୍କିନ୍ ପଣ୍ୟର ଜୁଆରରେ ଭାସିଯିବେ। ଏହି ଚୁକ୍ତି ଫଳରେ ହୁଏତ ଭାରତୀୟ ପଣ୍ୟ ରପ୍ତାନି ବୃଦ୍ଧି ପାଇବ ଏବଂ ତା' ଦ୍ୱାରା ଭାରତର ବଡ଼ ବଡ଼ କମ୍ପାନୀଗୁଡ଼ିକର ବ୍ୟବସାୟ କିଛିଟା ବଢ଼ିବ। କିନ୍ତୁ ତାହା ଦେଶର ସାଧାରଣ ଚାଷୀ ବା ଶ୍ରମିକଙ୍କର ସର୍ବନାଶ କରିବ।

ଏହି ଚୁକ୍ତିରେ ଠିକ୍ କି କି ପଣ୍ୟ ଆମଦାନୀ-ରପ୍ତାନି ହେବ ତାହା ଆମେରିକା ବା ଭାରତ ସରକାର ଦେଶର ଲୋକଙ୍କ ସାମ୍ନାରେ ସ୍ୱଷ୍ଟ କରିନାହାନ୍ତି। କାହିଁକି ଏହି ଗୋପନୀୟତା ? ସରକାର ଜନଗଣଙ୍କ ପାଖରୁ କ'ଣ ଲୁଚାଇବାକୁ ଚାହୁଁଛନ୍ତି ? କେନ୍ଦ୍ର ବିଜେପି ସରକାର ଏହାର ସ୍ୱଷ୍ଟ ଜବାବ ଦେବା ଦରକାର। ଆମଦାନୀ-ରପ୍ତାନିର ଯେଉଁ ଅଙ୍କ ଘୋଷଣା କରାଯାଇଛି ସେଥିରେ ସ୍ୱଷ୍ଟ ଯେ ଆମେରିକାଠାରୁ ଭାରତର ଆମଦାନୀ ତିନିଗୁଣ ବଢ଼ିଯିବ।

ପ୍ରଧାନମନ୍ତ୍ରୀ କହିଛନ୍ତି, ଏହି ଚୁକ୍ତି ଭାରତର କୃଷକ, ଉଦ୍ୟୋଗୀ, ଛୋଟ-ମଧ୍ୟମ ଶିଳ୍ପ, ଷ୍ଟାର୍ଟ-ଅପ୍, ମତ୍ସ୍ୟଜୀବୀଙ୍କ ସାମ୍ନାରେ ନୂଆ ସୁଯୋଗ ସୃଷ୍ଟି କରିବ। ଆମେରିକାର ସମସ୍ତ ଶିଳ୍ପ ପଣ୍ୟ ଆମଦାନୀ ପାଇଁ ଭାରତ ଶୁଳ୍କ ଛାଡ଼ ଦେଇଛି। ଏକଥା କିଏ ନ ଜାଣେ ଯେ ସର୍ବୋଚ୍ଚ ମାନର ପ୍ରଯୁକ୍ତି ବ୍ୟବହାର କାରଣରୁ ମାର୍କିନ୍ ପଣ୍ୟର ମାନ ଅନେକ ଉନ୍ନତ। ସେହି ଉନ୍ନତ ମାନର ପଣ୍ୟ ବିନା ଶୁଳ୍କରେ ବା ନାମକୁ ମାତ୍ର ଶୁଳ୍କ ଦେଇ ଭାରତୀୟ ବଜାରକୁ ଆସିଲେ ଭାରତର ଉଦ୍ୟୋଗୀ, ଛୋଟ-ମଧ୍ୟମ ଶିଳ୍ପ ଏବଂ ଷ୍ଟାର୍ଟ-ଅପ୍ ଗୁଡ଼ିକ ଦ୍ୱାରା କିପରି ଲାଭବାନ ହେବେ ? ବାସ୍ତବରେ ଏହି ଅସମ ପ୍ରତିଯୋଗିତାରେ ସମ୍ପୃକ୍ତ ସଂସ୍ଥାଗୁଡ଼ିକ ତିଷ୍ଠି ପାରିବେ ନାହିଁ। ଗୋଟିଏ ଉଦାହରଣ ଦେଲେ ବିଷୟଟି ସ୍ୱଷ୍ଟ ହେବ। ମାର୍କିନ୍ ବ୍ଲେଡ୍ ଉତ୍ପାଦକ ସଂସ୍ଥା 'ଜିଲେଟ୍' ଭାରତରେ ବ୍ୟବସାୟ ଆରମ୍ଭ କରିବା ପରେ ଭାରତୀୟ ବ୍ଲେଡ୍ ଉତ୍ପାଦକ ସଂସ୍ଥାଗୁଡ଼ିକର ପରିଣତି ଯାହା ହୋଇଛି ଅନ୍ୟାନ୍ୟ କ୍ଷେତ୍ରରେ ମଧ୍ୟ ତାହାହିଁ ହେବାକୁ ବାଧ୍ୟ।

ଚୁକ୍ତି ଅନୁଯାୟୀ ଭାରତ ଆମେରିକାରୁ ଖାଦ୍ୟଶସ୍ୟ ସହ ସୋୟାବିନ୍ ତେଲ, ବାଦାମ, ସତେଜ ଓ ପ୍ରକ୍ରିୟାକୃତ ଫଳ, ସେଓ, ତୁଳା, ମକା, ମଦ ଆମଦାନୀ କରିବ। ଏହା ସହିତ 'ଅତିରିକ୍ତ ପଣ୍ୟ' ସଂପର୍କରେ ଉଲ୍ଲେଖ ରହିଛି। ତେବେ ଏହି ଅତିରିକ୍ତ ପଣ୍ୟ କ'ଣ କ'ଣ ତାହା ସ୍ୱଷ୍ଟ କରାଯାଇ ନାହିଁ। ବୁଝିବାରେ ଅସୁବିଧା ନାହିଁ ଯେ, ଯେଉଁ ସବୁ ପଣ୍ୟ ଆମଦାନୀ କରାହେବ ଚାଷୀଙ୍କ ଆକ୍ରୋଶରୁ ବର୍ତ୍ତିବା ପାଇଁ ସେଗୁଡ଼ିକ ଗୋପନୀୟ ରଖାଯାଉଛି। ବାସ୍ତବରେ ଆମେରିକୀୟ ଚାଷୀଙ୍କ ସ୍ୱାର୍ଥରେ ଏହି ବୈଦେଶିକ ଚୁକ୍ତିରେ ଭାରତୀୟ କୃଷି କ୍ଷେତ୍ରକୁ ବିଦେଶୀ ପୁଞ୍ଜି ପାଇଁ ଖୋଲି ଦିଆଯାଇଛି।

### ଆମଦାନୀ ବୃଦ୍ଧିର କୁଫଳ

ଆମେରିକାରୁ ଖାଦ୍ୟଶସ୍ୟ ଏବଂ ସୋୟାବିନ୍ ତେଲ ଆମଦାନୀର ଫଳ କ'ଣ ହେବ ? ଦେଶରେ ପୋଲ୍ଟ୍ରି-ମାଂସ ଏବଂ ପଶୁପାଳନ ଶିଳ୍ପରେ ସୋୟାବିନ୍, ତୁଳା ମଞ୍ଜି, ବାଦାମ ବା ତୁଳା ଖଇରୁ ଯେଉଁ ତେଲ ବାହାର କରାଯାଏ ତାହା ଖାଦ୍ୟ ଭାବେ ବ୍ୟବହାର ହୁଏ। ଚୁକ୍ତି ଅନୁଯାୟୀ ଆମେରିକୀୟ ମକା ରୁ ଇଥାନଲ୍ ତିଆରି କାରଖାନାର ଉପଜାତ ପଣ୍ୟ ଡିଡିଜିଏସ୍ (Dried Distillers Grains) ଏବଂ ଲାଲ ସୋୟା ଆମଦାନୀ କରାଯିବ, ଯାହା ଭାରତୀୟ ସୋୟା ଚାଷୀଙ୍କୁ ମାରାତ୍ମକ କ୍ଷତି ପହଂଚାଇବ। କାରଣ ଏବେ ଯେଉଁ ଦାମରେ ପୁଷ୍ଟିସାର ଡି-ଅୟଲ୍ଡ କେକ୍(ତେଲ ପେଡିଲେ ବାହାରୁଥିବା ପିଡିଆ) ଚାଷୀ କିଣୁଛନ୍ତି, ଡିଡିଜିଏସ୍ ତା' ତୁଳନାରେ ଅନେକ ଶସ୍ତା। ତୁଳା ଏବଂ ସେଓ ଚାଷୀଙ୍କ କ୍ଷେତ୍ରରେ ସମାନ ପରିସ୍ଥିତି ହେବ। ମାର୍କିନ୍ ତୁଳାର ମାନ ଅନେକ ଉନ୍ନତ ଓ ଶସ୍ତା ହୋଇଥିବାରୁ ଭାରତୀୟ ତୁଳା ଚାଷୀମାନେ ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯିବେ। ଅନ୍ୟପଟେ ଆମେରିକା ଭାରତୀୟ ବସ୍ତ୍ର ଉପରେ ୧୮% ଶୁଳ୍କ ଲଗାଇଛି। ସର୍ତ୍ତ ଦେଇଛି କେବଳ ମାର୍କିନ୍ ତୁଳାରୁ ଉତ୍ପାଦିତ ବସ୍ତ୍ର ଉପରେ ଶୁଳ୍କ ଛାଡ଼ ମିଳିବ। ଅନ୍ୟ ଦିଗରେ ବାଙ୍ଗଲା ଦେଶକୁ ବିନା ଶୁଳ୍କରେ ତୁଳା ରପ୍ତାନୀ କରି ସେଠାରୁ ବିଭିନ୍ନ ପରିଧାନ ସାମଗ୍ରୀ ଖରିଦ କରିବା ପାଇଁ ଚୁକ୍ତି କରି ଆମେରିକା ଭାରତର ତୁଳା ରପ୍ତାନୀ ବଜାରକୁ କାର୍ଯ୍ୟତଃ ବନ୍ଦ କରି ଦେଇଛି।

ଆମେରିକା ସହ ଚୁକ୍ତି ଫଳରେ ଭାରତୀୟ ବଜାରରେ ଅବାଧରେ ବିଦେଶୀ ସେଓ ପ୍ରବେଶ କଲେ କାଶ୍ମୀର ତଥା ହିମାଚଳ ପ୍ରଦେଶର ସେଓ ଚାଷୀମାନେ ମାରାତ୍ମକ କ୍ଷତି ସହିବେ। ଇତିମଧ୍ୟରେ କାଶ୍ମୀରର ସେଓ ଚାଷୀମାନେ ବିପୁଳ କ୍ଷତିର ଆଶଙ୍କା ପ୍ରକାଶ କରି ସରକାରଙ୍କୁ ବିଦେଶୀ ସେଓ ଉପରେ ବର୍ତ୍ତମାନ ଥିବା ୧୦୦% ଆମଦାନୀ ଶୁଳ୍କ ବଜାୟ ରଖିବାକୁ ଦାବି କରିଛନ୍ତି। ଆମେରିକାର କୃଷି ସଚିବ ଟମ୍ ଭିଲସାକ୍ ଦାବି କରିଛନ୍ତି, ବାଣିଜ୍ୟ ଚୁକ୍ତି ଫଳରେ ଆମେରିକାର କୃଷିଜାତ ପଣ୍ୟ ଆହୁରି ବେଶୀ ପରିମାଣରେ ଭାରତୀୟ ବଜାରରେ ପ୍ରବେଶ କରିବ। ଫଳରେ ଆମେରିକା ପାଖକୁ ନଗଦ ଡଲାର ଯିବ। ମନେ ରଖିବାକୁ ହେବ ଯେ, କୃଷି ପଣ୍ୟର ଏହି ଆମଦାନୀ-ରପ୍ତାନିରେ ଉଭୟ ଦେଶର ସାଧାରଣ ଚାଷୀଙ୍କ କୌଣସି ସ୍ୱାର୍ଥ ନାହିଁ। ଆମେରିକୀୟ କୃଷି ମୁଖ୍ୟତଃ ବିଶାଳକାୟ କୃଷି ଫାର୍ମ ତଥା ବୃହତ ପୁଞ୍ଜି ଦ୍ୱାରା ନିୟନ୍ତ୍ରିତ। ଅତ୍ୟାଧୁନିକ ପ୍ରଯୁକ୍ତି ଉପରେ ନିର୍ଭରଶୀଳ ଏବଂ ବିପୁଳ ପରିମାଣର ରାଷ୍ଟ୍ରୀୟ ସବସିଡି ନିର୍ଭର। ଏହି ବୃହତ ପୁଞ୍ଜି ପରିଚାଳିତ କୃଷିପାଇଁ ଆମେରିକା ସରକାର ବଡ ବଡ ଚାଷୀଙ୍କୁ ବିପୁଳ ପରିମାଣର ସବ୍‌ସିଡି ଦିଅନ୍ତି। ମାତ୍ର ଭାରତ ସରକାର ଭାରତୀୟ ଚାଷୀ ମାନଙ୍କୁ ମାମୁଲି ସବସିଡି ଦିଅନ୍ତି। ଫଳରେ ଆମେରିକାରୁ କମ୍ ଶୁଳ୍କରେ କୃଷିଜାତ ସାମଗ୍ରୀ ଆମଦାନୀ ହେଲେ ଦେଶର ଚାଷୀଙ୍କ ଭେଳା ବୁଡିବ।

### ଅଧିକ ରପ୍ତାନିର ସୁଫଳ ନେବେ ବୃହତ ପୁଞ୍ଜିର ମାଲିକ

ପୂର୍ବରୁ ସୂଚନା ଦିଆଯାଇଛି ଏହି ବାଣିଜ୍ୟ ଚୁକ୍ତି ଫଳରେ ରପ୍ତାନୀ ବୃଦ୍ଧି ପାଇବ। ତେବେ ପ୍ରଶ୍ନ ହେଉଛି ଏହାର ଫାଇଦା କିଏ ନେବ ? ଆଦାନୀ ଗ୍ରୁପ୍ ବନ୍ଦର ପରିଚାଳନା କରେ, ଏହା ସହିତ ସେମାନେ ବୃହଦାକାର ଆଧୁନିକ ଗୋଦାମ ନିର୍ମାଣ କରିଛନ୍ତି ଯାହା ଖାଦ୍ୟଶସ୍ୟର ଦୀର୍ଘକାଳୀନ ସଂରକ୍ଷଣ ଏବଂ ରପ୍ତାନି ଆମଦାନୀରେ ସହାୟତା କରେ। ଆଦାନୀ ୱିଲମାର୍ ସେମାନଙ୍କ ବ୍ରାଣ୍ଡ ମାଧ୍ୟମରେ ଖାଇବା ତେଲ ଏବଂ ଅନ୍ୟାନ୍ୟ ନିତ୍ୟପ୍ରୟୋଜନୀୟ ପଣ୍ୟ ବିଶ୍ୱ ବଜାରରୁ ଆମଦାନୀ କରେ। ଅନ୍ୟପଟେ ରିଲାଏନ୍ସ ରିଟେଲ ସିଧାସଳଖ ଚାଷୀଙ୍କ ପାଖରୁ ପଣ୍ୟ ସଂଗ୍ରହ କରେ ଏବଂ ଖୁଚୁରା ବଜାରକୁ ନିୟନ୍ତ୍ରଣ କରେ। ରିଲାଏନ୍ସ ଫ୍ରେଶ୍ ବା ରିଲାଏନ୍ସ ରିଟେଲ ମାଧ୍ୟମରେ ସେମାନେ ଆମଦାନୀ କରାଯାଉଥିବା ଏବଂ ଦେଶୀ ପଣ୍ୟର ଏକ ବିଶାଳ ସପ୍ଲାଇ ଚେନ୍ ନିୟନ୍ତ୍ରଣ କରନ୍ତି। ଫଳରେ ବୁଝିବାରେ ଅସୁବିଧା ନାହିଁ ଯେ, ଭାରତୀୟ କୃଷିପଣ୍ୟ ବିଦେଶକୁ ରପ୍ତାନି ହେଉ ବା ନ ହେଉ, ତା' ସହିତ ସାଧାରଣ ଚାଷୀଙ୍କ ସୁଫଳ ପାଇବାର କୌଣସି ସମ୍ପର୍କ ନାହିଁ। ଏହି କମ୍ପାନୀଗୁଡ଼ିକ ଚାଷୀଙ୍କ ପାଖରୁ କମ୍ ଦାମରେ କୃଷିପଣ୍ୟ କିଣି ଚଢ଼ା ଦାମରେ ବିଦେଶୀ ବଜାରରେ ବିକ୍ରି କରିବେ। ଦେଶ ମଧ୍ୟରେ ମଧ୍ୟ ଏହାର ଅଜସ୍ର ଉଦାହରଣ ରହିଛି। ମହାରାଷ୍ଟ୍ର ଚାଷୀ ଯେଉଁ ପିଆଜ କିଲୋପିଛା ଦୁଇ ଟଙ୍କା ଦରରେ ବଡ଼ ପିଆଜ ବ୍ୟବସାୟୀଙ୍କ ପାଖରେ ବିକ୍ରି କରିବାକୁ ବାଧ୍ୟ ହୁଅନ୍ତି, ସେହି ପିଆଜ ବଜାରରେ ୪୦-୫୦-୬୦ ଟଙ୍କା, ଏପରିକି କେବେ କେବେ କିଲୋ ପିଛା ୧୦୦ଟଙ୍କା ଦରରେ ବିକ୍ରି ହୁଏ। ବୃହତ କର୍ପୋରେଟ୍ ନିୟନ୍ତ୍ରିତ ବୈଦେଶିକ ବାଣିଜ୍ୟ ସିଣ୍ଡିକେଟ୍ କୃଷି କିମ୍ବା ଶିଳ୍ପ ଯେକୌଣସି ପଣ୍ୟର ଆମଦାନୀ-ରପ୍ତାନି ନିୟନ୍ତ୍ରଣ କରେ।

ଫଳରେ ମାର୍କିନ୍ କୃଷି ଓ ଶିଳ୍ପ ପଣ୍ୟର ଜୁଆରରେ ଭାସିଯିବ ଭାରତୀୟ ବଜାର। ଅର୍ଥନୀତିର ନିୟମରେ ପ୍ରାଥମିକ ଭାବେ ଭାରତୀୟ କ୍ରେତା ସାମୟିକ ଭାବେ କିଛିଟା ଶସ୍ତା ପଣ୍ୟ କିଣିବାର ସୁଯୋଗ ପାଇଲେ ମଧ୍ୟ, ଭାରତୀୟ ଉତ୍ପାଦକମାନେ ଅସମ ପ୍ରତିଯୋଗିତାରେ ବଜାର ଛାଡ଼ିବାକୁ ବାଧ୍ୟ ହେଲେ ହିଁ ମାର୍କିନ୍ ପଣ୍ୟର ଦାମ ବଢ଼ିବ। ତା' ଛଡ଼ା କୌଣସି ପଣ୍ୟ ଶସ୍ତାରେ ଆମଦାନୀ ହେଲେ ହିଁ ଯେ ଦେଶର ସାଧାରଣ କ୍ରେତା ତା'ର ସୁବିଧା ପାଇବେ, ତାହା ନୁହେଁ। ଉଦାହରଣ ସ୍ୱରୂପ, ୟୁକ୍ରେନ ଯୁଦ୍ଧପରେ ଭାରତୀୟ ତେଲ କମ୍ପାନୀମାନେ ଅତ୍ୟନ୍ତ କମ ଦାମରେ ଋଷିଆରୁ ତେଲ ଆମଦାନୀ କରି ଅସ୍ୱାଭାବିକ ମୁନାଫା ଲୁଟ୍ କରିଛନ୍ତି। କିନ୍ତୁ ତା'ର କୌଣସି ସୁବିଧା ଦେଶର ସାଧାରଣ ମଣିଷ ପାଇନାହାନ୍ତି। ସ୍ୱାଭାବିକ ଭାବେ ବିଦେଶର ପଣ୍ୟ ଯଦି କିଛିଟା ଶସ୍ତା ଆମଦାନୀ ହୁଏ ତେବେ ତା'ର ସୁବିଧା ସାଧାରଣ ମଣିଷ ପର୍ଯ୍ୟନ୍ତ ପହଞ୍ଚିବ ନାହିଁ। ଲାଭ ନେଇଯିବେ ବୃହତ ପୁଞ୍ଜି ନିୟନ୍ତ୍ରିତ ସିଣ୍ଡିକେଟ୍।

ଭାରତରୁ ଆମେରିକାକୁ ରପ୍ତାନୀ ହୁଏ ଇସ୍ପାତ, ତମ୍ବା, ଗାଡ଼ିର ଯନ୍ତ୍ରାଂଶ, ବସ୍ତ୍ର, ଚମଡ଼ା, ଜୋତା, ରତ୍ନ-ଅଳଙ୍କାର ପରି ପ୍ରାୟ ୯ ହଜାର କୋଟି ଟଙ୍କାର ପଣ୍ୟ। ଶୀଘ୍ର ଚୁକ୍ତି ସମ୍ପନ୍ନ କରିବାକୁ

*(ଅବଶିଷ୍ଟାଂଶ ୫ମ ପୃଷ୍ଠାରେ)*

## ପ୍ରାଧାନମନ୍ତ୍ରୀ ଧନ-ଧାନ୍ୟ . . .

*(୨ୟ ପୃଷ୍ଠାର ଅବଶିଷ୍ଟାଂଶ)*

ଭାବରେ ସ୍ଥଗିତ ରଖିବାକୁ ବାଧ ହୋଇଛି। ଆନ୍ତର୍ଜାତୀୟ ପରିସ୍ଥିତିର ପରିବର୍ତ୍ତନ, ବିଶେଷ କରି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା କରାଯାଇଥିବା ଶୁଳ୍କ ଯୁଦ୍ଧ (tariff war) ଏବଂ ପରବର୍ତ୍ତୀ ସମୟରେ ବ୍ରିଟେନ ତଥା ଅନ୍ୟାନ୍ୟ ୟୁରୋପୀୟ ସଂଘ ଦେଶଗୁଡିକ ମଧ୍ୟରେ ସ୍ୱାକ୍ଷରିତ 'ସାମଗ୍ରିକ ଅର୍ଥନୈତିକ ଏବଂ ବାଣିଜ୍ୟ ଚୁକ୍ତି (CETAs)' ଏବଂ ଅନ୍ୟପଟେ ଜିଓନିଷ୍ଟ ଇସ୍ରାଏଲ ସହିତ କ୍ରମବର୍ଦ୍ଧମାନ ଅର୍ଥନୈତିକ ଏବଂ ସାମରିକ ସହଯୋଗ, ଭାରତୀୟ ଅର୍ଥନୀତି ସମେତ କୃଷିଜାତ ଦ୍ରବ୍ୟର ଉତ୍ପାଦନ ଏବଂ ବିତରଣ ଉପରେ ପ୍ରତିକୂଳ ପ୍ରଭାବ ପକାଇବାକୁ ଯାଉଛି। ଡାଲି, ପନିପରିବା, ତୈଳବୀଜ, କ୍ଷୀର, ମାଂସ ଇତ୍ୟାଦିର ଉତ୍ପାଦନ ହ୍ରାସ ଭାରତୀୟ ଏକଚାଟିଆ ଗୋଷ୍ଠୀଙ୍କ ଦ୍ୱାରା ନିୟନ୍ତ୍ରିତ ଖୁଚୁରା ଆଉଟଲେଟ୍ ଗୁଡ଼ିକର ବ୍ୟବସାୟକୁ ମଧ୍ୟ ପ୍ରଭାବିତ କରିବାକୁ ଯାଉଛି।

ଉପରୋକ୍ତ ଆଲୋଚନାରୁ ଯେକେହି ବୁଝିପାରିବେ ଯେ 'PMDDKY' ଯୋଜନା ଅନୁଯାୟୀ ପ୍ରମୁଖ ମନ୍ତ୍ରଣାଳୟଗୁଡିକର ପ୍ରଚଳିତ ଯୋଜନା ଏବଂ ବିଶେଷ ପଦକ୍ଷେପଗୁଡ଼ିକର ସମ୍ମିଶ୍ରଣ କୃଷକଙ୍କ ଦୁର୍ଦ୍ଦଶା ଦୂର କରିବ ନାହିଁ। ବାସ୍ତବରେ ସରକାରଙ୍କ ବିରୋଧରେ ବଢୁଥିବା ଅସନ୍ତୋଷକୁ ପ୍ରଶମିତ କରିବା ପାଇଁ ଏବଂ କୌଶଳପୂର୍ଣ୍ଣ ଭାବରେ ଚାଷୀମାନଙ୍କୁ ଫସଲର ଉପଯୁକ୍ତ ସହାୟକ ମୂଲ୍ୟରୁ ବଂଚିତ କରିବା ପାଇଁ କେନ୍ଦ୍ର ସରକାର ଏହି ନୂତନ ଯୋଜନା ପ୍ରଣୟନ କରିଛନ୍ତି। ଏହା ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱାଧୀନ ବିଜେପି ସରକାରଙ୍କ ଦ୍ୱାରା ସାଧାରଣ ଜନତା ଏବଂ ବିଶେଷ କରି କୃଷକମାନଙ୍କୁ ପ୍ରତାରିତ କରିବାର ଏକ ନୂତନ ପ୍ରୟାସ। ବିଜେପି ସରକାର ନିଶ୍ଚିତ ଭାବେ $C_2$ + ୫୦% ହାରରେ ଏମ୍‌ଏସ୍‌ପି ସହିତ ଫସଲ ସଂଗ୍ରହର ଗ୍ୟାରେଣ୍ଟି ଦେବା ପାଇଁ ନିଜର ପ୍ରତିଶ୍ରୁତି ରକ୍ଷା କରିବା ଉଚିତ୍। ଅନ୍ୟଥା ଏହା ଦେଶର ଚାଷୀ ମାନଙ୍କ ପ୍ରତି କେବଳ ବିଶ୍ୱାସଘାତକତା ହେବ।

★★★

# ଇରାନ ଉପରେ ଇସ୍ରାଏଲ - ଆମେରିକା ଦୁଷ୍ଟ ଚକ୍ରର ବର୍ବର୍ ଆକ୍ରମଣ ବିରୁଦ୍ଧରେ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ପକ୍ଷରୁ ସର୍ବଭାରତୀୟ ପ୍ରତିବାଦ ଦିବସ












ଅତ୍ୟନ୍ତ ହାସ୍ୟାସ୍ପଦ ଆଳ ଦେଖାଇ ମାର୍କିନ୍ ସାମ୍ରାଜ୍ୟବାଦୀ ମାନଙ୍କ ସହାୟତା ଓ ପ୍ରତ୍ୟକ୍ଷ ଅଂଶଗ୍ରହଣରେ ଉଗ୍ର ଇହୁଦୀବାଦୀ ଇସ୍ରାଏଲ ବିନା କାରଣରେ ଗୋଟିଏ ସ୍ୱାଧୀନ ସାର୍ବଭୌମ ରାଷ୍ଟ୍ର ଇରାନ ଉପରେ ବର୍ବରୋଚିତ ସାମରିକ ଆକ୍ରମଣ ଆରମ୍ଭ କରିଦେଇଛି। ଆକ୍ରମଣର ପ୍ରଥମ ଦିନରେ ହିଁ ଶତାଧିକ ସ୍କୁଲ ଛାତ୍ରୀଙ୍କୁ କ୍ଷେପଣାସ୍ତ୍ର ମାଡ଼ରେ ହତ୍ୟା କରାଯାଇଛି ଏବଂ ଇରାନର ସର୍ବୋଚ୍ଚ ନେତା ଆୟାତୋଲା ଖାମିନେଇଙ୍କ ସମେତ ଇରାନର ବହୁ ତୁଙ୍ଗ ନେତାଙ୍କୁ ହତ୍ୟା କରାଯାଇଛି। ଆମେରିକା - ଇସ୍ରାଏଲର ଏହି ଧରଣର ମିଳିତ ପୈଶାଚିକ ଆକ୍ରମଣ ପ୍ରତିବାଦରେ ମାର୍ଚ୍ଚ ୧ ତାରିଖରେ ସାରା ଭାରତ ପ୍ରତିବାଦ ଦିବସ ପାଳନ ପାଇଁ ଏସୟୁସିଆଇ(କମ୍ୟୁନିଷ୍ଟ) କେନ୍ଦ୍ରୀୟ କମିଟି ପକ୍ଷରୁ ଡ଼ାକରା ଦିଆଯାଇଥିଲା। ଏହି ଡାକରାକ୍ରମେ ଓଡ଼ିଶାର ଭଣ୍ଡାରିପୋଖରୀ, ବାଲେଶ୍ୱର, ଭୁବନେଶ୍ୱର, କଟକ, ଯାଜପୁର ଟାଉନ, ଯାଜପୁର ଜିଲ୍ଲାର ଜରି ଓ ଯାଜପୁର ରୋଡ, ଖୋର୍ଦ୍ଧା, ଡେଲାଙ୍ଗ, ଯଶିପୁର ସମେତ ରାଜ୍ୟର ଅନ୍ୟାନ୍ୟ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି ଓ ପ୍ରତିବାଦ ସଭାମାନ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମ ଗୁଡ଼ିକର ନିର୍ବାଚିତ ଫଟୋ ସର୍ବହରା କ୍ରାନ୍ତିର ଚଳିତ ସଂଖ୍ୟାରେ ପ୍ରକାଶ କରାଯାଉଛି।

















## ରାଜ୍ୟ ସରକାର . . .

*(୧ମ ପୃଷ୍ଠାର ଅବଶିଷ୍ଟାଂଶ)*

ସେଥିରେ ସନ୍ଦେହ ନାହିଁ।

ଏପରି ବଜେଟର ତେଣୁ ପୁଙ୍ଖାନୁପୁଙ୍ଖ ତର୍ଜମା ଅର୍ଥହୀନ। ତେବେ ତର୍କ ଖାତିରରେ ରାଜ୍ୟ ସରକାରଙ୍କର ମୁଖ୍ୟ ଦାୟିତ୍ୱ ଶିକ୍ଷା, ସ୍ୱାସ୍ଥ୍ୟ ଓ କୃଷି ଓ କୃଷକ କଲ୍ୟାଣ ବିଷୟରେ ସାମାନ୍ୟ ଆଲୋଚନା ଅପ୍ରାସଙ୍ଗିକ ହେବ ନାହିଁ।

**ଶିକ୍ଷା:** ଶିକ୍ଷା ପାଇଁ ସରକାର ୪୨୫୬୫ କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି, ଯାହା ସମ୍ପୂର୍ଣ୍ଣ ବଜେଟ ଅଟକଳର ୧୩.୫% (ସବୁ ରାଜ୍ୟମାନଙ୍କର ଶିକ୍ଷା ପାଇଁ ବ୍ୟୟ ବରାଦ ୧୪.୫% ଥିଲାବେଳେ ଆମ ରାଜ୍ୟରେ ତୁଳନାମୂଳକ ଭାବେ ଏହା କମ)। ସରକାର ୪ଟି ନୂଆ ବିଶ୍ୱବିଦ୍ୟାଳୟ ଖୋଲିବେ ବୋଲି ମଧ୍ୟ ଘୋଷଣା କରିଛନ୍ତି। ଏହି ବ୍ୟୟବରାଦର ସିଂହଭାଗ (୭୫%) ଗଣଶିକ୍ଷା ପାଇଁ ବରାଦ ହେଇଛି। ଯଥାରୀତି ଏଥିରୁ ଅଧିକାଂଶ ଭିତ୍ତିଭୂମି ବା କୋଠାବାଡି ତିଆରି ପାଇଁ ଖର୍ଚ୍ଚ ହେବ। କିନ୍ତୁ ଯାହା ବର୍ଷ ବର୍ଷ ଧରି ସରକାରୀ ଶିକ୍ଷା ବ୍ୟବସ୍ଥାକୁ ବସ୍ତୁତଃ ପଙ୍ଗୁ କରିଦେଇଛି ସେ ବିଷୟରେ ସରକାର ନିରବ। ବିଶ୍ୱ ବିଦ୍ୟାଳୟ ସ୍ତରରୁ ଆରମ୍ଭ କରି ବିଦ୍ୟାଳୟ ସ୍ତର ପର୍ଯ୍ୟନ୍ତ ଶିକ୍ଷକମରୁଡିର କରୁଣ ଚିତ୍ର ବର୍ଷ ବର୍ଷ ଧରି ଓଡିଶାରେ ଦେଖିବାକୁ ମିଳୁଛି। ସରକାର ନୂଆ ବିଶ୍ୱବିଦ୍ୟାଳୟ ଖୋଲିବାକୁ କହିଛନ୍ତି। କିନ୍ତୁ ସରକାରୀ ମହାବିଦ୍ୟାଳୟ ମାନଙ୍କରେ ପ୍ରାୟ ୧୦୦୦ ଶିକ୍ଷକ ପଦ ଓ ପ୍ରାୟ ୧୫୦୦୦ ପଦ ଦଶଂଧି ଦଶଂଧି ଧରି କେବଳ ବିଶ୍ୱବିଦ୍ୟାଳୟ ମାନଙ୍କରେ ଖାଲି ପଡିଛି। ସରକାରୀ ଅନୁଦାନପ୍ରାପ୍ତ କଲେଜ ଗୁଡିକରେ ମଧ୍ୟ ହଜାର ହଜାର ଶିକ୍ଷକ ଓ ଅଣଶିକ୍ଷକ ପଦବୀ ଖାଲି ପଡିଛି। ଭିତ୍ତିଭୂମି ନାଁରେ ସରକାରଙ୍କର ଠିକାଦାରପ୍ରୀତି ଆମେ ଦେଖିବାକୁ ପାଉଛୁ, କିନ୍ତୁ ଶିକ୍ଷକ ଅଭାବରେ ଶିକ୍ଷାଦାନ ଯେ ରସାତଳକୁ ଗଲାଣି, ତା' ନେଇ ସରକାରଙ୍କର କୌଣସି ଚିନ୍ତା ନାହିଁ। ସରକାରୀ ଶିକ୍ଷା ବ୍ୟବସ୍ଥାକୁ ପଙ୍ଗୁ କରିଦେବା ଫଳରେ ଯେଉଁ ଅଭିଭାବକ ମାନଙ୍କର ସାମାନ୍ୟତମ ଆର୍ଥିକ ଶକ୍ତି ଅଛି, ସେମାନେ ସରକାରୀ ଶିକ୍ଷା ବ୍ୟବସ୍ଥାରୁ ମୁହଁ ଫେରାଉଛନ୍ତି। ଏହି ସୁଯୋଗର ସଦବ୍ୟବହାର କରି ଶିକ୍ଷା ବ୍ୟବସାୟୀମାନଙ୍କ ଦ୍ୱାରା ରାଜ୍ୟରେ ଛତୁ ଫୁଟିଲା ଭଳି ଅନ୍ତତଃ ଉଚ୍ଚ ମାଧ୍ୟମିକ ସ୍ତର ପର୍ଯ୍ୟନ୍ତ ସ୍କୁଲ କଲେଜ ଖୋଲା ଚାଲିଛି। ଫଳରେ ବସ୍ତୁତଃ ରାଜ୍ୟରେ ଥିଲାବାଲା ଓ ନଥିଲାବାଲାଙ୍କ ପାଇଁ ଦୁଇ ପ୍ରକାର ଶିକ୍ଷା ବ୍ୟବସ୍ଥା କାଏମ ହୋଇଛି।

**ସ୍ୱାସ୍ଥ୍ୟ:** ସ୍ୱାସ୍ଥ୍ୟ ବ୍ୟବସ୍ଥା ପାଇଁ ସରକାର ପାଖାପାଖି ୨୩୦୦୦କୋଟିର ବ୍ୟୟ ଅଟକଳ କରିଛନ୍ତି ଓ ଚାରୋଟି ଆୟୁବେଦିକ୍ ଓ ହୋମିଓପାଥିକ ମେଡିକାଲ କଲେଜ ସ୍ଥାପନ କରିବେ ବୋଲି ଘୋଷଣା କରିଛନ୍ତି। ଗତ ବର୍ଷ ଘୋଷଣା କରାଯାଇଥିବା ନୂଆ ମେଡିକାଲ କଲେଜମାନଙ୍କ ଭିତରୁ କିଛି ମେଡିକାଲ କଲେଜର ଭିତ୍ତି ପ୍ରସ୍ତର ସ୍ଥାପନ, ପ୍ରାୟ ବର୍ଷେ ପରେ ଏ ବର୍ଷ ଜାନୁଆରୀ ମାସରେ ସରକାର କରିଛନ୍ତି। ପୁରୁଣା ମେଡିକାଲ କଲେଜଗୁଡିକରେ ଡାକ୍ତରୀ ଶିକ୍ଷା ଘୋର ଅବହେଳାର ଶିକାର, ୫୦୦ରୁ ଅଧିକ ଶିକ୍ଷକ-ଡାକ୍ତରଙ୍କ ସ୍ଥାନ ଖାଲି ପଡିଛି। ଏଥିରୁ ସରକାର ଏ ବିଷୟରେ କେତେ ଉଦାସୀନ ତା' ଜଣା ପଡୁଛି। ଓଡିଶାରେ ସ୍ୱାସ୍ଥ୍ୟ ବ୍ୟବସ୍ଥାର ମୁଖ୍ୟ ଦୁର୍ବଳତା ହେଲା ଡାକ୍ତର ଅଭାବ ଓ ଗ୍ରମାଞ୍ଚଳରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡିକରେ ଆନୁଷଙ୍ଗିକ ବ୍ୟବସ୍ଥାର ଅଭାବ। ରାଜ୍ୟରେ ପ୍ରତି ୨୦୦୦ ଜଣଙ୍କ ପାଇଁ ଜଣେ ଡାକ୍ତର, ଏଥିରୁ ପୁଣି ବେଶି ଭାଗ ଡାକ୍ତର ସହରାଞ୍ଚଳରେ। ସେଥିପାଇଁ ଆଜିବି ହଇଜା, ଜର, କାଶ, ଝାଡାବାନ୍ତି ଭଳି ସାଧାରଣ ରୋଗର ଚିକିତ୍ସା ଗ୍ରାମାଞ୍ଚଳରେ ମିଳେ ନାହିଁ। ସାପ କାମୁଡାରେ ପ୍ରତିବର୍ଷ ଯେ ରାଜ୍ୟରେ କେତେଲୋକ ପ୍ରାଣ ହରାଉଛନ୍ତି ତାହା ହିସାବ କାହା ପାଖରେ ନାହିଁ। ରାଜ୍ୟରେ ଶିଶୁ ଓ ମାତୃ ମୃତ୍ୟୁ ହାର ବିହାର ଓ ଉତ୍ତର ପ୍ରଦେଶ ଭଳି ଅତ୍ୟନ୍ତ ପଛୁଆ ରାଜ୍ୟ ସହ ତୁଳନୀୟ।

**କୃଷି:** ବଜେଟରେ କୃଷି ବିଷୟରେ କ'ଣ ଅଛି, ସେ ବିଷୟରେ ଆଲୋଚନା ନିରର୍ଥକ। ଏ ପର୍ଯ୍ୟନ୍ତ, ଅମଳର ୪/୫ ମାସ ପରେ ମଧ୍ୟ ରାଜ୍ୟରେ ମୁଖ୍ୟ ଚାଷୀ ଧାନଚାଷୀମାନଙ୍କର ଉତ୍ପାଦିତ ଧାନ ବିକ୍ରି ହେଇପାରିନାହିଁ। ଡାଲି, ଖାଇବା ତେଲ, ଆଳୁ, ପିଆଜ ଓ ଅନ୍ୟାନ୍ୟ ପରିବା, ଫଳମୂଳ, ମାଛ ଇତ୍ୟାଦି ପାଇଁ ଓଡିଶା ଅନ୍ୟ ରାଜ୍ୟମାନଙ୍କ ଉପରେ ନିର୍ଭରଶୀଳ। ଏ ବ୍ୟବସ୍ଥାର ସମାଧାନ ପାଇଁ ରାଜ୍ୟ ସରକାରଙ୍କ ବଜେଟରେ କୌଣସି ନିର୍ଦ୍ଦିଷ୍ଟ ବ୍ୟବସ୍ଥା ଥିଲା ଭଳି ମନେ ହେଉନାହିଁ।

ରାଜ୍ୟ ସରକାର ଗଡ୍ଡାଳିକା ପ୍ରବାହରେ ଆସନ୍ତା ଆର୍ଥିକ ବର୍ଷ ପାଇଁ ବଜେଟଟିଏ ପେଶ କରିଛନ୍ତି, ଏଥିରେ ନା ଅଛି ଆନ୍ତରିକତା ତା ଜନସାଧାରଣଙ୍କ ପ୍ରତି କୌଣସି ପ୍ରତିବଦ୍ଧତା। ଯେହେତୁ ଏହି ବଜେଟ ସମ୍ପୂର୍ଣ୍ଣ ଅନ୍ତସାରଶୂନ୍ୟ, ସେ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବାର ବିଶେଷ କିଛି ନାହିଁ। ★★★

# ଏଆଇଡିଓ୍ୱାଇଓ ସର୍ବଭାରତୀୟ କମିଟି ପକ୍ଷରୁ ଆହୂତ ଦାବି ସପ୍ତାହ ଉପଲକ୍ଷେ

## ରାଜ୍ୟର ବିଭିନ୍ନ ସ୍ଥାନରେ ବିକ୍ଷୋଭ

ଏଆଇଡିଓ୍ୱାଇଓ ସର୍ବଭାରତୀୟ କମିଟି ଡାକରାରେ ରାଜ୍ୟର ବିଭିନ୍ନ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବିଭିନ୍ନ ସରକାରୀ ବିଭାଗରେ ଖାଲିପଡ଼ିଥିବା ପଦବୀ ତୁରନ୍ତ ପୂରଣ କରିବା, ନିଯୁକ୍ତି ପାଇଁ ପ୍ରସ୍ତୁତ ହେଉଥିବା ପ୍ରଶ୍ନପତ୍ର ଓ କରାଯାଉଥିବା ପରୀକ୍ଷା ସରକାରୀ ପରିଚାଳନାରେ କରିବା ଏବଂ ଏ ଦାୟିତ୍ୱରୁ ଘରୋଇ ସଂସ୍ଥା ଗୁଡ଼ିକୁ ବାଦ ଦେବା, ପରୀକ୍ଷା ପରିଚାଳନା ସ୍ୱଚ୍ଛ ଓ ଦୁର୍ନୀତିମୁକ୍ତ ଭାବରେ କରିବା, ବିଭିନ୍ନ ଆଳରେ ବାରମ୍ବାର ନିଯୁକ୍ତି ପରୀକ୍ଷା ଘୁଂଚାଇବା ବନ୍ଦ କରିବା, ସମସ୍ତ ଠିକା ଓ ଆଉଟ୍ ସୋର୍ସିଂ ଶ୍ରମିକ କର୍ମଚାରୀଙ୍କୁ ସ୍ଥାୟୀ କରିବା, ସମସ୍ତ ଗିଗ ଓ ପ୍ଲାଟଫର୍ମ କର୍ମଚାରୀ ମାନଙ୍କୁ ସ୍ଥାୟୀ କରିବା ସହିତ ସେମାନଙ୍କ ପାଇଁ ସର୍ବନିମ୍ନ ମଜୁରୀ ଓ ସାମାଜିକ ସୁରକ୍ଷା ବ୍ୟବସ୍ଥା କରିବା, ସରକାରୀ ସଂସ୍ଥା ଗୁଡ଼ିକର ଘରୋଇକରଣ ବନ୍ଦ କରିବା, ସମସ୍ତ କର୍ମହୀନ ଯୁବକ ଯୁବତୀଙ୍କୁ ନିଯୁକ୍ତି ଦେବା ଓ ନିଯୁକ୍ତି ନଦେବା ପର୍ଯ୍ୟନ୍ତ ପର୍ଯ୍ୟାପ୍ତ ବେକାରୀ ଭତ୍ତା ଦେବା, ଖଣି ଖନନ ଓ ଶିଳ୍ପ ପ୍ରତିଷ୍ଠା ପାଇଁ ଜମି ହରାଇଥିବା ପରିବାରର ଯୁବକ ଯୁବତୀ ମାନଙ୍କୁ ଶିଳ୍ପ ଓ ଖଣିରେ ନିଯୁକ୍ତି ଦେବା ଇତ୍ୟାଦି ଦାବିରେ ଏହି ଦାବି ସପ୍ତାହର ଡାକରା ଦିଆଯାଇଥିଲା। ଏହି ଡାକରାରେ ଫେବୃଆରୀ ୧୯ ତାରିଖରେ ସଂଗଠନର ଅନୁଗୁଳ ଜିଲ୍ଲା କମିଟି ପକ୍ଷରୁ ଜିଲ୍ଲାପାଳ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି ବିକ୍ଷୋଭରେ ରାଜ୍ୟ ସଭାପତି ମାନସ ପାଲ, ରାଜ୍ୟ ସମ୍ପାଦକ କେଦାରନାଥ ସାହୁ ଜିଲ୍ଲା ସଭାପତି ନିରଞ୍ଜନ ନାୟକ, ଜ୍ୟୋତ୍ସ୍ନା ସାମଲ, ମଳୟ ବେହେରା ଓ ଭାରତ ନାୟକ ପ୍ରମୁଖ ବକ୍ତବ୍ୟ ରଖିଥିଲେ।










ବିକ୍ଷୋଭ ସ୍ଥଳରୁ ୮ ଦଫା ଦାବି ସମ୍ବଳିତ ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କମ୍ରେଡ କିଶୋର ବିଶ୍ୱାଳ, ଦୁଃଖବନ୍ଧୁ ବେହେରା, ପବିତ୍ର ମହାକୁଡ, ଆଶିଷ ସାହୁ, ସୋରେନ ସାହୁ,ବିଜୟ କୁମାର ସାହୁ ପ୍ରମୁଖ ନେତୃତ୍ୱ ନେଇଥିଲେ।

ଏହା ବ୍ୟତୀତ ଫେବୃଆରୀ ୨୫ ତାରିଖରେ ଉପରୋକ୍ତ ଦାବିରେ ମୟୂରଭଞ୍ଜ ଜିଲ୍ଲାପାଳ ଅଫିସ ସମ୍ମୁଖରେ ସଂଗଠନ ପକ୍ଷରୁ ବିଶାଳ ଯୁବ ବିକ୍ଷୋଭ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାର କରଞ୍ଜିଆ, ବାମନଘାଟି, ବାରିପଦା, କପ୍ତିପଦା ଓ ଶିମିଳିପାଳ ଅଂଚଳରୁ ଶହ ଶହ ଯୁବକ ଯୁବତୀ ବିକ୍ଷୋଭରେ ସାମିଲ ହୋଇଥିଲେ। କମ୍ରେଡ ପୀତାମ୍ବର ନାୟକ, ଲଳିତ ମହନ୍ତ, ମନୋଜ ମହନ୍ତ, ସମା ସମୁରାଇ, ଗୋବିନ୍ଦ ଦାସ, ଲକ୍ଷ୍ମଣ ଦେହୁରୀ, ସୁଶାନ୍ତ ମୁର୍ମୁ ଓ ରାଜ୍ୟ କମିଟି ପକ୍ଷରୁ କମ୍ରେଡ ଚୈତନ୍ୟ ମହାରଣା ବିକ୍ଷୋଭର ନେତୃତ୍ୱ ନେଇଥିଲେ।

ସେହିଭଳି ଯାଜପୁର ଜିଲ୍ଲାପାଳ ଅଫିସ ସମ୍ମୁଖରେ ମଧ୍ୟ ଏକ ବିକ୍ଷୋଭ ଅନୁଷ୍ଠିତ ହୋଇଛି। ସଂଗଠନର ଜିଲ୍ଲା ସଭାପତି କମ୍ରେଡ ସୁବାସ ମଲ୍ଲିକ ଙ୍କ ସଭାପତିତ୍ୱରେ ବିକ୍ଷୋଭ ସ୍ଥଳରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ରାଜ୍ୟ ସମ୍ପାଦକ କମ୍ରେଡ କେଦାରନାଥ ସାହୁ ଓ ଉପସଭାପତି ଅଭିମନ୍ୟୁ ମଲ୍ଲିକ ଉଦବୋଧନ ଦେଇଥିଲେ। ଯୁବସଂଗଠକ ପ୍ରଫୁଲ୍ଲ ମଲ୍ଲିକ, ଗଗନ ବିହାରୀ ମଲ୍ଲିକ, କାର୍ତ୍ତିକ ଦଳେଇ, ସନ୍ତୋଷ ଲେଙ୍କା, ପ୍ରଶାନ୍ତ ମଲ୍ଲିକ, କୂଳମଣି ପରିଡ଼ା, ମନୋଜ ଭଞ୍ଜ, ମଧୁସୂଦନ ଜେନା, କବି ସେଠୀ, ମନୋଜ ରାଉତ ପ୍ରମୁଖ ଯୁବନେତା ମାନେ ବିକ୍ଷୋଭକୁ ସଫଳ କରିବାରେ ସହାୟତା କରିଥିଲେ। ★★★

## ଭାରତ - ମାର୍କିନ୍ . . .

(୩ୟ ପୃଷ୍ଠାର ଅବଶିଷ୍ଟାଂଶ)

ସରକାରଙ୍କ ଉପରେ ଏହି ସବୁ କ୍ଷେତ୍ରର ଉତ୍ପାଦକ ଏବଂ ରପ୍ତାନିକାରୀ ବଡ଼ କମ୍ପାନୀଗୁଡ଼ିକର ଚାପ ଥିଲା।

ଆମେରିକା ଏବଂ ଭାରତର ବୃହତ ଏକଚାଟିଆ ପୁଞ୍ଜିପତିଙ୍କ ଚାପରେ କରାଯାଇଥିବା ଏହି ଚୁକ୍ତି ଦେଶର ସାଧାରଣ କୃଷକ, ଶ୍ରମିକ, ସାଧାରଣ ମଣିଷଙ୍କ ସ୍ୱାର୍ଥ ବିପନ୍ନ କରିବ। ମାତ୍ର ଏହି ଅସମ ଚୁକ୍ତିରେ ଯେହେତୁ ଉଭୟ ଆମେରିକା ଓ ଭାରତର ବୃହତ ଏକଚାଟିଆ ପୁଞ୍ଜିର ସ୍ୱାର୍ଥ ରକ୍ଷା ହେବ ତେଣୁ ଏହି ଚୁକ୍ତି ସଂପାଦିତ ହୋଇଛି। ଏହି ଚୁକ୍ତି ପାଇଁ ଯେମିତି ମାର୍କିନ୍ ଗୋଷ୍ଠୀଙ୍କ ଚାପ ଥିଲା ସେମିତି ଭାରତୀୟ ଧନକୁବେରଙ୍କ ମଧ୍ୟ ଚାପ ଥିଲା। ଆମେରିକାର ଟଳମଳ ଅର୍ଥନୀତିକୁ ରକ୍ଷା କରିବାକୁ ବାଣିଜ୍ୟିକ ନିଅ କମାଇବା ଆମେରିକା ପାଇଁ ବିଶେଷ ପ୍ରୟୋଜନ ଥିଲା। ଆଉ ରପ୍ତାନି କ୍ଷେତ୍ରରେ ଭାରତର ଅତିରିକ୍ତ ଆମେରିକା ନିର୍ଭରଶୀଳତା ଭାରତକୁ ମାର୍କିନ୍ ସର୍ତ୍ତ ମାନିବାକୁ ବାଧ କରିଛି।

ଭାରତ ଯେ କେବଳ କୃଷି ଏବଂ ଶିଳ୍ପ ପଣ୍ୟ ହିଁ ଆମଦାନୀ କରିବ ଏମିତି ନୁହେଁ। ବିପୁଳ ପରିମାଣର ତେଲ, ଗ୍ୟାସ୍ ଏବଂ ଆଧୁନିକ ଅସ୍ତ୍ରଶସ୍ତ୍ର ମଧ୍ୟ କିଣିବ। ପାଠକ ମାନଙ୍କର ସ୍ମରଣ ଥିବ, ଟ୍ରମ୍ପ ଦ୍ୱିତୀୟ ଥର ପ୍ରେସିଡେଣ୍ଟ ନିର୍ବାଚିତ ହେବା ପରେ ପ୍ରଥମେ ଆମେରିକାରେ ପହଂଚିଥିଲେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ମୋଦୀଙ୍କ ପାଖରେ ବସି ଟ୍ରମ୍ପ ଘୋଷଣା କରିଥିଲେ, ୨୦୨୫ ଶେଷ ସୁଦ୍ଧା ଭାରତକୁ ଯୁଦ୍ଧାସ୍ତ୍ର ରପ୍ତାନି ବଢ଼ାଇବ ଆମେରିକା। ଭାରତ ଆମେରିକାଠାରୁ ଏଫ୍-୩୫ ଯୁଦ୍ଧବିମାନ ସହ କୋଟି କୋଟି ଡଲାରର ଯୁଦ୍ଧାସ୍ତ୍ର କିଣିବ। ଦୁଇ ଦେଶର ଆଲୋଚନାରେ ସ୍ଥିର ହୋଇଥିଲା, ଭାରତ ଆମେରିକାଠାରୁ ଆହୁରି ଅଧିକ ପରିମାଣର ତେଲ ଓ ଗ୍ୟାସ୍ କିଣିବ, ଯାହା ଦୁଇ ଦେଶର ବାଣିଜ୍ୟିକ ନିଅଣ୍ଟ କମାଇବାରେ ସାହାଯ୍ୟ କରିବ।

ଟ୍ରମ୍ପ ଜଣାଇଥିଲେ, ଆମେରିକା ହିଁ ଭାରତକୁ ସବୁଠାରୁ ବେଶୀ ପରିମାଣରେ ତେଲ ଓ ଗ୍ୟାସ୍ ଯୋଗାଇବ। ଟ୍ରମ୍ପ ଜଣାଇ ଦେଇଥିଲେ, ଋଷିଆରୁ ଶସ୍ତା ତେଲ ନ କିଣି ଭାରତ ଆମେରିକା ଏବଂ ଭେନେଜୁଏଲା ତେଲ ଆମେରିକା ମାଧ୍ୟମରେ ହିଁ କିଣିବ। କେବଳ ସେତିକି ନୁହେଁ, ଏତେଦିନ ପର୍ଯ୍ୟନ୍ତ ଆଣବିକ ଚୁକ୍ତି ଅନୁଯାୟୀ ବେସାମରିକ ପରମାଣୁ ପ୍ଲାଣ୍ଟରେ କୌଣସି ଦୁର୍ଘଟଣା ଘଟିଲେ ଯୋଗାଣକାରୀ କମ୍ପାନୀକୁ ତା'ର ଦାୟିତ୍ୱ ନେବାକୁ ହେଉଥିଲା। ସରକାର ସମ୍ପ୍ରତି ଏହି କ୍ଷେତ୍ରରେ ବିଦେଶୀ ପୁଞ୍ଜିକୁ ଦାୟିତ୍ୱ ମୁକ୍ତ କରିଛନ୍ତି। ସେହିପରି ନୂତନ ଆଇନ ପ୍ରଣୟନ କରି ଆଣବିକ ବିସ୍ଫୋରଣ ଘଟିଲେ ତାର ଦାୟଦାୟିତ୍ୱରୁ ମଧ୍ୟ କମ୍ପାନୀକୁ ଛାଡ଼ କରିଦିଆଯାଇଛି। ଏହାର ଲକ୍ଷ୍ୟ ଯେ ମାର୍କିନ୍ କମ୍ପାନୀଗୁଡ଼ିକ, ତାହା ବୁଝିବାରେ ଅସୁବିଧା ହେବା କଥା ନୁହେଁ।

କାରଣ, ବାଣିଜ୍ୟ ଚୁକ୍ତି ଅନୁଯାୟୀ ମାର୍କିନ୍ କମ୍ପାନୀଗୁଡ଼ିକ ହିଁ କୋଟି ଟଙ୍କାର ଚୁକ୍ତି ସମ୍ପାଦନ କରିଛନ୍ତି। ଆଉ କୌଣସି ପୂର୍ବ ଅଭିଜ୍ଞତା ନଥାଇ ରାତାରାତି ତିଆରି ହୋଇଥିବା ଆଦାନୀଙ୍କ ବେସାମରିକ ପରମାଣୁ ଶକ୍ତି ଉତ୍ପାଦନ କମ୍ପାନୀ ମଧ୍ୟ ଏହି କ୍ଷେତ୍ରରେ ରହିଛି ଏବଂ ଏହିଭଳି କମ୍ପାନୀମାନଙ୍କୁ ବେସାମରିକ ପରମାଣୁ କ୍ଷେତ୍ରରେ ବ୍ୟବସାୟ କରିବାକୁ ସୁଯୋଗ କରିଦିଆଯାଇଛି। ଅନ୍ୟଦିଗରେ ଗଣତନ୍ତ୍ରର ସର୍ବନିମ୍ନ ରୀତିନୀତିକୁ ପାଦରେ ଦଳି ଭେନେଜୁଏଲାର ପ୍ରେସିଡେଣ୍ଟଙ୍କୁ ମାର୍କିନ୍ ସେନା ଗିରଫ କରି ନେଇଯିବା ପରେ ଭେନେଜୁଏଲାର ତେଲଖଣିଗୁଡ଼ିକୁ ମାର୍କିନ ପ୍ରଶାସନ ଦଖଲ କରିଛି। ଟ୍ରମ୍ପଙ୍କ ନିକଟରୁ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ସେହି ତେଲ ଆମଦାନୀ କରିବାକୁ ଅନୁମତି ପାଇଛି। ଏଥିରୁ ସ୍ପଷ୍ଟ ଯେ ଭାରତର ଜନଗଣଙ୍କ ସ୍ୱାର୍ଥକୁ ବଳି ଦେଇ ଭାରତୀୟ ଏକଚାଟିଆ ପୁଞ୍ଜିର ସ୍ୱାର୍ଥ ରକ୍ଷା ହିଁ ଏହି ଚୁକ୍ତିର ଏକମାତ୍ର ଲକ୍ଷ୍ୟ।

**ଏକଚାଟିଆ ପୁଞ୍ଜିର ସ୍ୱାର୍ଥ ହିଁ ମୂଳ, ଜନସ୍ୱାର୍ଥ ସଂପୂର୍ଣ୍ଣ ବିଡମ୍ବିତ**

ଚୁକ୍ତି ଉପରେ ଆଲୋଚନା ଚାଲିଥିଲାବେଳେ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ପ୍ରତାରିତ କରିବା ଉଦ୍ଦେଶ୍ୟରେ କହିଥିଲେ, ଏହି ଚୁକ୍ତି ସମ୍ପୂର୍ଣ୍ଣ ରୂପେ ଗଣତାନ୍ତ୍ରିକ ମୂଲ୍ୟବୋଧ ଉପରେ ଆଧାରିତ। ବାସ୍ତବରେ ସାମ୍ରାଜ୍ୟବାଦ ନିକଟରେ ଗଣତନ୍ତ୍ରର କୌଣସି ମୂଲ୍ୟ ନାହିଁ। ପୁଞ୍ଜିର ନିରଙ୍କୁଶ ସ୍ୱାର୍ଥ ହିଁ ସେମାନଙ୍କ ପାଇଁ ଗଣତନ୍ତ୍ର। ମୁନାଫା ପ୍ରୟୋଜନରେ ଏମିତି କୌଣସି କାମ ନାହିଁ ଯାହା ସେମାନେ କରିପାରିବେ ନାହିଁ। ଆଜି ଶକ୍ତିଶାଳୀ ସାମ୍ରାଜ୍ୟବାଦୀ ଶକ୍ତି ଆମେରିକାର ଲକ୍ଷ୍ୟ ହେଉଛି ସମଗ୍ର ବିଶ୍ୱ ବଜାର ପ୍ରତିଯୋଗିତାରେ ନିଜର ଚୂଡ଼ାନ୍ତ ଆଧିପତ୍ୟ ପ୍ରତିଷ୍ଠା କରିବା।

ଭାରତ ସହିତ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତି କ୍ଷେତ୍ରରେ ମଧ୍ୟ ଭାରତୀୟ ବାଣିଜ୍ୟିକ ପୁଞ୍ଜିକୁ ଶକ୍ତିଶାଳୀ ମାର୍କିନ୍ ପୁଞ୍ଜି ଉପରେ ନିର୍ଭରଶୀଳ କରାଇବା, ଭାରତର ବଜାରକୁ ମାର୍କିନ୍ ଧନକୁବେର ଗୋଷ୍ଠୀଙ୍କ ପାଇଁ ଖୋଲା ମଇଦାନରେ ପରିଣତ କରିବା। ଭାରତୀୟ ଏକଚାଟିଆ ପୁଞ୍ଜିପତି ଶ୍ରେଣୀ ଆମେରିକା ସହିତ ଏହାର ଘନିଷ୍ଠତାକୁ କାମରେ ଲଗାଇ ବିଶ୍ୱର ଅନ୍ୟ ଏକ ବୃହତ ଶକ୍ତିରେ ପରିଣତ ହେବା ଏବଂ ବିଶ୍ୱର ତୁଳନାମୂଳକ ଭାବରେ ଦୁର୍ବଳ ରାଷ୍ଟ୍ରମାନଙ୍କ ବଜାରକୁ ଆମେରିକାର ସହାୟତାରେ ଦଖଲ କରିବାକୁ ଉଦ୍ୟମ କରୁଛି। ମୋଟ ଉପରେ ଏହି ଚୁକ୍ତି ଏକଚାଟିଆ ପୁଞ୍ଜିପତିଙ୍କ ପାଇଁ ଉଦ୍ଦିଷ୍ଟ। ଏଥିରେ ଜନସ୍ୱାର୍ଥର ଚିହ୍ନବର୍ଣ୍ଣ ନାହିଁ। ★★★

# ମାର୍କ୍ସବାଦ ହେଉଛି ଗୋଟିଏ ସୁସଂହତ ବିଶ୍ୱ ଦୃଷ୍ଟିଭଙ୍ଗୀ - ଜୋସେଫ ଷ୍ଟାଲିନ



XXX ମାର୍କ୍ସବାଦ କେବଳ ମାତ୍ର ସମାଜତନ୍ତ୍ରର ତତ୍ତ୍ୱ ନୁହେଁ, ଏହା ଗୋଟିଏ ସୁସଂହତ ବିଶ୍ୱ ଦୃଷ୍ଟିଭଙ୍ଗୀ, ଗୋଟିଏ ଦାର୍ଶନିକ ପ୍ରଣାଳୀ ଯେଉଁଥିରୁ ମାର୍କ୍ସଙ୍କର ସର୍ବହରା ସମାଜତନ୍ତ୍ର ଯୁକ୍ତି ସଂଗତ ଭାବରେ ହିଁ ଉଦ୍ଭୁତ ହୁଏ। ଏହି ଦାର୍ଶନିକ ପ୍ରଣାଳୀକୁ ହିଁ ଦ୍ୱନ୍ଦ୍ୱମୂଳକ ବସ୍ତୁବାଦ କୁହାଯାଏ।

ସୁତରାଂ ମାର୍କ୍ସବାଦକୁ ବ୍ୟାଖ୍ୟା କରିବାର ଅର୍ଥ ହେଉଛି ଦ୍ୱନ୍ଦ୍ୱମୂଳକ ବସ୍ତୁବାଦକୁ ମଧ୍ୟ ବ୍ୟାଖ୍ୟା କରିବା।

ଏହି ପ୍ରାଣଳୀକୁ ଦ୍ୱନ୍ଦ୍ୱମୂଳକ ବସ୍ତୁବାଦ କାହିଁକି କୁହାଯାଏ ?

କାରଣ ଏହାର ପଦ୍ଧତି ଦ୍ୱନ୍ଦ୍ୱମୂଳକ ଏବଂ ତତ୍ତ୍ୱ ବସ୍ତୁବାଦୀ।

ଦ୍ୱନ୍ଦ୍ୱମୂଳକ ପଦ୍ଧତି କ'ଣ ?

କୁହାଯାଏ ସମାଜଜୀବନ ଅବିରାମ ଗତି ଓ ବିକାଶ ମଧ୍ୟରେ ରହିଛି।

ଏକଥା ସତ୍ୟ, ଜୀବନକୁ ଅପରିବର୍ତ୍ତନୀୟ ଓ ଅବିଚଳ ବୋଲି ମନେକରିବା ଠିକ ନୁହେଁ। ଜୀବନ କୌଣସି ଜାଗାରେ ହିଁ ସ୍ଥିର ହୋଇ ରହେ ନାହିଁ; ଏହା ଅନନ୍ତ ଗତିଶୀଳତାର ରାସ୍ତାରେ ଧ୍ୱଂସ ଓ ସୃଷ୍ଟିର ଏକ ନିରନ୍ତର ପ୍ରକ୍ରିୟା। ସେଥିପାଇଁ ଜୀବନ ମଧ୍ୟରେ ସବୁ ସମୟରେ ହିଁ ରହିଛି ନୂଆ ଓ ପୁରୁଣା, ବିକାଶମୁଖୀ ଓ କ୍ଷୟିଷ୍ଣୁ ଏବଂ ବିପ୍ଳବୀ ଓ ପ୍ରତିବିପ୍ଳବୀ।

ଦ୍ୱନ୍ଦ୍ୱମୂଳକ ପଦ୍ଧତି ଅନୁଯାୟୀ, ଜୀବନ ବାସ୍ତବରେ ଯେଭଳି, ଆମେ ତାକୁ ସେହିଭଳି ହିଁ ଦେଖିବା। ଆମେ ଦେଖୁଛୁ ଜୀବନ ଅବିରାମ ଗତି ମଧ୍ୟରେ ରହିଛି, ଫଳରେ ଜୀବନକୁ ଏହି ଗତିଶୀଳତା ମଧ୍ୟରେ ରଖି ହିଁ ଆମେ ବିଚାର କରିବୁ ଏବଂ ଏହି ଗତି ଜୀବନକୁ କୁଆଡେ ନେଇଯାଉଛି ସେକଥା ଜିଜ୍ଞାସା କରିବାକୁ ହେବ। ଆମେ ଦେଖିଛୁ, ଜୀବନ ଅବିରାମ ଧ୍ୱଂସ ଓ ସୃଷ୍ଟିର ଗୋଟିଏ ଚଳମାନ ଚିତ୍ର। ସେଥିପାଇଁ ଆମେ ଜୀବନକୁ ଅବଶ୍ୟ ହିଁ ଏହି ଧ୍ୱଂସ ଓ ସୃଷ୍ଟିର ପ୍ରକ୍ରିୟା ମଧ୍ୟରେ ରଖି ବିଚାର କରିବୁ ଏବଂ ଜାଣିବାକୁ ଚାହିଁବୁ, କ'ଣ ଧ୍ୱଂସ ହେଉଛି, ଜୀବନରେ କ'ଣ ସୃଷ୍ଟି ହେଉଛି ?

ଏହି ଜୀବନ ପ୍ରବାହରେ ଦିନପରେ ଦିନ ଯାହା ସୃଷ୍ଟି ହେଉଛି ଏବଂ ବିକଶିତ ହେଉଛି ତାହା ଅଜେୟ। ତାର ଅଗ୍ରଗତିକୁ ରୋକାଯାଇ ପାରିବ ନାହିଁ। ସେଥିପାଇଁ ଉଦାହରଣ ସ୍ୱରୂପ କୁହାଯାଏ, ଶ୍ରେଣୀ ହିସାବରେ ସର୍ବହରା ଶ୍ରେଣୀର ଯଦି ଜନ୍ମ ହୁଏ ଏବଂ ଦିନ ପରେ ଦିନ ଯଦି ଏହି ଶ୍ରେଣୀ ବୃଦ୍ଧି ପାଉଥାଏ, ତା'ହେଲେ ଆଜି ସେମାନେ ଯେତେ ଦୁର୍ବଳ ଓ ସଂଖ୍ୟାରେ ଯେତେ କମ ହେଲେ ମଧ୍ୟ, ଶେଷପର୍ଯ୍ୟନ୍ତ ସେମାନେ ନିଶ୍ଚିତ ଭାବରେ ଜୟଲାଭ କରିବେ। ସେମାନେ କାହିଁକି ଜୟଲାଭ କରିବେ ? କାରଣ ସେମାନେ କ୍ରମାଗତ ବୃଦ୍ଧି ପାଉଛନ୍ତି, ଶକ୍ତି ଅର୍ଜନ କରୁଛନ୍ତି ଏବଂ ଆଗକୁ ଆଗକୁ ମାଡି ଚାଲିଛନ୍ତି। ଅନ୍ୟଦିଗରେ, ଏହି ଜୀବନ ପ୍ରବାହରେ ଯାହା ପୁରୁଣା ହେଉଛି, ଯାହା ଧ୍ୱଂସ ଦିଗରେ ଆଗେଇ ଯାଉଛି, ତାହା ଯେତେ ବିଶାଳ ଶକ୍ତିର ଅଧିକାରୀ ହେଲେବି, ତାର ପରାଜୟ ଅବଶ୍ୟମ୍ଭାବୀ। ସେଥିପାଇଁ ଦୃଷ୍ଟାନ୍ତ ହିସାବରେ କୁହାଯାଏ, ଆଜି ଯଦି ବୁର୍ଜୁଆ ମାନଙ୍କର ପାଦତଳୁ କ୍ରମାଗତ ଭାବରେ ମାଟି ଖସି ଯାଉଥାଏ ଏବଂ ପ୍ରତିଦିନ ଯଦି ସେମାନେ ଆହୁରି ପଛକୁ ହଟୁଥାନ୍ତି, ତା'ହେଲେ ଆଜି ସେମାନେ ଯେତେ ଶକ୍ତିଶାଳୀ ଓ ସଂଖ୍ୟାରେ ଯେତେ ଅଧିକ ହୁଅନ୍ତୁ ମାତ୍ର ଶେଷ ପର୍ଯ୍ୟନ୍ତ ସେମାନେ ନିଶ୍ଚିତ ଭାବରେ ପରାଜିତ ହେବେ। କାହିଁକି ? କାରଣ ଶ୍ରେଣୀ ହିସାବରେ ଆଜି ସେମାନେ କ୍ଷୟିଷ୍ଣୁ, ଦୁର୍ବଳ ଓ ପୁରୁଣା ହେଇଯାଉଛନ୍ତି ଏବଂ ସେମାନେ ଆଜି ଜୀବନର ବୋଝ ହୋଇପଡିଛନ୍ତି।

ସେଥିପାଇଁ ଏହିଠାରୁ ହିଁ ଦ୍ୱନ୍ଦ୍ୱମୂଳକ ପଦ୍ଧତିରେ ଅତି ପରିଚିତ ଏହି ବକ୍ତବ୍ୟର ଜନ୍ମ ହୋଇଛି - ବାସ୍ତବରେ ଯାହାର ଅସ୍ତିତ୍ୱ ରହିଛି ଅର୍ଥାତ୍ ଯାହା ଦିନପରେ ଦିନ ବୃଦ୍ଧି ପାଉଛି ତାହା ଯୁକ୍ତି ସିଦ୍ଧ ଏବଂ ଯାହାକୁ ଦିନକୁ ଦିନ କ୍ଷୟପ୍ରାପ୍ତ ହେଉଛି ତାହା ଯୁକ୍ତିହୀନ ଏବଂ ଶେଷପର୍ଯ୍ୟନ୍ତ ତାହା ନିଶ୍ଚିତ ଭାବରେ ପରାଜିତ ହେବ।

ଯେଭଳି ବିଗତ ଶତାବ୍ଦିର ଅଶୀ ଦଶକରେ ଋଷିଆର ବିପ୍ଳବୀ ବୁଦ୍ଧିଜୀବୀ ମାନଙ୍କ ମଧ୍ୟରେ ଗୋଟିଏ ବିରାଟ ବିତର୍କର ଝଡ ଉଠିଥିଲା। ନାରୋଦନିକମାନେ ଜୋର ଦେଇ କହୁଥିଲେ, ଗ୍ରାମ ଓ ସହରର ପେଟି ବୁର୍ଜୁଆ ମାନେ ହିଁ ପ୍ରଧାନ ଶକ୍ତି ଯେଉଁମାନେ ଋଷିଆକୁ 'ମୁକ୍ତ' କରିବାର ଦାୟିତ୍ୱ ନେଇ ପାରିବେ। ମାର୍କ୍ସବାଦୀମାନେ ପ୍ରଶ୍ନ କଲେ - କାହିଁକି ? ଏହାର ଉତ୍ତରରେ ନାରୋଦନିକ ମାନେ କହିଲେ ଗ୍ରାମ ଓ ସହରର ପେଟିବୁର୍ଜୁଆମାନେ ବର୍ତ୍ତମାନ ସଂଖ୍ୟାଗରିଷ୍ଠ ଏବଂ ତା'ଛଡା ସେମାନେ ଗରିବ, ଦାରିଦ୍ର୍ୟ ମଧ୍ୟରେ ବାସ କରନ୍ତି।

ଏହାର ଉତ୍ତରରେ ମାର୍କ୍ସବାଦୀମାନେ କହିଲେ, ଏକଥା ସତ୍ୟ ଯେ ବର୍ତ୍ତମାନ ଗ୍ରାମ ଓ ସହରର ପେଟିବୁର୍ଜୁମାନେ ସଂଖ୍ୟାଗରିଷ୍ଠ ଏବଂ ସେମାନେ ପ୍ରକୃତରେ ହିଁ ଗରିବ, କିନ୍ତୁ ଏହା କ'ଣ ବିଚାର୍ଯ୍ୟ ବିଷୟ ? ପେଟିବୁର୍ଜୁଆମାନେ ଅନେକଦିନ ଧରି ହିଁ ସଂଖ୍ୟାଗରିଷ୍ଠ, କିନ୍ତୁ ବର୍ତ୍ତମାନ ପର୍ଯ୍ୟନ୍ତ ମଧ୍ୟ ଶ୍ରମିକ ଶ୍ରେଣୀର ସାହାଯ୍ୟ ବିନା 'ମୁକ୍ତି' ସଂଗ୍ରାମରେ ସେମାନଙ୍କର କୌଣସି ଉଦ୍ୟୋଗ ଲକ୍ଷ୍ୟ କରାଯାଉ ନାହିଁ। କାହିଁକି ? କାରଣ ଶ୍ରେଣୀ ହିସାବରେ ପେଟିବୁର୍ଜୁଆମାନେ ଆଉ ସଂଖ୍ୟାରେ ବୃଦ୍ଧି ପାଉନାହାନ୍ତି। ବରଂ, ସେମାନେ ଦିନପରେ ଦିନ ଭାଙ୍ଗି ଟୁକୁଡା ଟୁକୁଡା ହୋଇ ବୁର୍ଜୁଆ ଓ ଶ୍ରମିକ ଶ୍ରେଣୀରେ ପରିଣତ ହେଉଛନ୍ତି। ତା'ଛଡା ଦାରିଦ୍ର୍ୟ ପ୍ରଶ୍ନ ଏଠାରେ ନିର୍ଣ୍ଣାୟକ ବିଷୟ ନୁହେଁ, କାରଣ 'ବାରବୁଲା' ଲୋକମାନେ ତ ପେଟିବୁର୍ଜୁଆ ମାନଙ୍କଠାରୁ ଆହୁରି ଦରିଦ୍ର, ସେଥିପାଇଁ ଏକଥା କେହି କହିବେନାହିଁ ଯେ ସେମାନେ 'ଋଷିଆକୁ ମୁକ୍ତ' କରିବାର ଦାୟିତ୍ୱ ନେଇ ପାରିବେ। ତା'ହେଲେ ଦେଖାଯାଉଛି, କେଉଁ ଶ୍ରେଣୀ ସଂଖ୍ୟାଗରିଷ୍ଠ କିମ୍ବା କେଉଁ ଶ୍ରେଣୀ ଦରିଦ୍ରତର ଏହା ମୂଳ ବିଚାର୍ଯ୍ୟ ବିଷୟ ନୁହେଁ। ମୂଳ ପ୍ରଶ୍ନ ହେଉଛି, କେଉଁ ଶ୍ରେଣୀ କ୍ରମାଗତ ଶକ୍ତି ସଂଚୟ କରୁଛି ଏବଂ କେଉଁ ଶ୍ରେଣୀ କ୍ଷୟପ୍ରାପ୍ତ ହେଉଛି।

ଯେହେତୁ ସର୍ବହରା ମାନେ ହିଁ ହେଉଛନ୍ତି ଏକମାତ୍ର ଶ୍ରେଣୀ ଯେଉଁମାନେ ନିଶ୍ଚିତ ଭାବରେ ହିଁ ବଢି ଚାଲିଛନ୍ତି ଏବଂ ଶକ୍ତିଶାଳୀ ହେଉଛନ୍ତି, ଯାହା ସମାଜ ଜୀବନକୁ ଆଗକୁ ଆଗେଇ ନେଇଯାଉଛି ଏବଂ ସମସ୍ତ ବିପ୍ଳବୀ ଶ୍ରେଣୀ ଗୁଡିକୁ ତା ଚାରିପାଖରେ ସମବେତ କରୁଛି, ସେହି କାରଣରୁ ଏହି ସର୍ବହରା ଶ୍ରେଣୀକୁ ଆମେ ଆଜି ଦିନରେ ଆନ୍ଦୋଳନର ପ୍ରଧାନ ଶକ୍ତି ହିସାବରେ ଗଣ୍ୟ କରିବୁ ଏବଂ ସେହି ଶ୍ରେଣୀ ଏହି ଆନ୍ଦୋଳନରେ ଯୋଗଦେଇ ସମାଜ ପ୍ରଗତିର ସଂଗ୍ରାମକୁ ନିଜର ସଂଗ୍ରାମରେ ପରିଣତ କରିବ।

ଏହିଭଳି ଭାବରେ ମାର୍କ୍ସବାଦୀମାନେ ଉତ୍ତର ଦେଇଥିଲେ।

ମାର୍କ୍ସବାଦୀମାନେ ଅବଶ୍ୟହିଁ ଜୀବନକୁ ଦ୍ୱନ୍ଦ୍ୱମୂଳକ ଦୃଷ୍ଟିଭଙ୍ଗୀରେ ଦେଖିଥିଲେ। ଆଉ ନାରଦନିକମାନେ ଯୁକ୍ତି କରିଥିଲେ, ଅତିଭୌତିକ ବିଦ୍ୟା(Metaphysics) ଭିତ୍ତିକ ଦୃଷ୍ଟିଭଙ୍ଗୀରେ। ସେମାନେ ସମାଜ ଜୀବନକୁ ଗୋଟିଏ ଅପରିବର୍ତ୍ତନୀୟ ବିଷୟ ହିସାବରେ ଦେଖିଥଲେ।

ଦ୍ୱନ୍ଦ୍ୱମୂଳକ ପଦ୍ଧତି ଜୀବନର ବିକାଶକୁ
ଏହି ଦୃଷ୍ଟିଭଙ୍ଗିରୁ ଦେଖେ।

XXX ଦ୍ୱନ୍ଦ୍ୱମୂଳକ ପଦ୍ଧତି କହେ, ଆନ୍ଦୋଳନର ବିବର୍ତ୍ତନମୂଳକ ଓ ବିପ୍ଳବାତ୍ମକ ଏହି ଦୁଇଟି ରୂପ ଅଛି। ଯେତେବେଳେ ପ୍ରଗତିଶୀଳ ଶକ୍ତି ସେମାନଙ୍କର ଦୈନନ୍ଦିନ ଆନ୍ଦୋଳନର କର୍ମସୂଚୀ ଚଳାଇ ଯାଉଥାଏ ଏବଂ ସମାଜର ପୁରୁଣା ବ୍ୟବସ୍ଥାରେ ଛୋଟମୋଟ ପରିମାଣଗତ ପରିବର୍ତ୍ତନ ଘଟାଏ ସେତେବେଳେ ତାକୁ ବିବର୍ତ୍ତନମୂଳକ ଆନ୍ଦୋଳନ କୁହାଯାଏ।

ପୁଣି ଯେତେବେଳେ ଏହି ପ୍ରଗତିଶୀଳ ଶକ୍ତି ଆଦର୍ଶଗତ ଦିଗରୁ ସମାନ ଆଦର୍ଶରେ ଉଦ୍‌ବୁଦ୍ଧ ହୋଇ, ସଂଘବଦ୍ଧ ହୋଇ ଏବଂ ପୁରୁଣା ସମାଜ ବ୍ୟବସ୍ଥାକୁ ସମୂଳେ ଉତ୍ପାଡିତ କରିବା ଲକ୍ଷ୍ୟରେ ଜୀବନରେ ଗୁଣଗତ ପରିବର୍ତ୍ତନ ପାଇଁ, ଗୋଟିଏ ନୂତନ ବ୍ୟବସ୍ଥା ପ୍ରତିଷ୍ଠା ପାଇଁ, ଶତ୍ରୁ ଶିବିର ମଧ୍ୟକୁ ଝାମ୍ପିପଡେ ସେତେବେଳେ ତାହାକୁ ବୈପ୍ଳବିକ ଆନ୍ଦୋଳନ କୁହାଯାଏ।

ବିବର୍ତ୍ତନ ବିପ୍ଳବର ଜମି ପ୍ରସ୍ତୁତ କରେ ଏବଂ ତାର ଭିତ୍ତି ରଚନା କରେ। ବିପ୍ଳବ ଏହି କ୍ରମବିକାଶର ପ୍ରକ୍ରିୟାକୁ ପୂର୍ଣ୍ଣତା ଦିଏ ଏବଂ ତାର ପରବର୍ତ୍ତୀ କାମକୁ ଆହୁରି ଆଗେଇ ନେଇଯାଏ।

ପ୍ରକୃତିରେ ମଧ୍ୟ ସମାନ ଧରଣର ପ୍ରକ୍ରିୟା ଘଟେ। ବିଜ୍ଞାନର ଇତିହାସ ଦେଖାଇଦିଏ, ଦ୍ୱନ୍ଦ୍ୱମୂଳକ ପଦ୍ଧତି ସଂପୂର୍ଣ୍ଣ ବିଜ୍ଞାନ-ଭିତ୍ତିକ। ଜ୍ୟୋତି ବିଜ୍ଞାନରୁ ସମାଜ ବିଜ୍ଞାନ, ଏହାର ପ୍ରତିଟି କ୍ଷେତ୍ରରେ ହିଁ ଆମେ ଏହି ଧାରଣାରହିଁ ସ୍ୱୀକୃତି ପାଉ ଯେ, ଏହି ମହାବିଶ୍ୱରେ କିଛି ହିଁ ଶାଶ୍ୱତ ନୁହେଁ, ସବୁକିଛି ହିଁ ପରିବର୍ତ୍ତିତ ହେଉଛି, ସବୁକିଛି ହିଁ ବିକଶିତ ହେଉଛି। ସେଥିପାଇଁ ପ୍ରକୃତିର ସବୁ କିଛିକୁ ହିଁ ତାର ଗତି ଓ ବିକାଶର ଦୃଷ୍ଟିଭଙ୍ଗୀରେ ବିଚାର କରିବାକୁ ହେବ ଏବଂ ଏକଥାର ଅର୍ଥ ଦ୍ୱନ୍ଦ୍ୱତତ୍ତ୍ୱର ମର୍ମବସ୍ତୁ ବର୍ତ୍ତମାନ ଦିନର ସମସ୍ତ ବିଜ୍ଞାନ ମଧ୍ୟରେ ପରିବ୍ୟାପ୍ତ ହୋଇ ରହିଛି।

ଦ୍ୱନ୍ଦ୍ୱ ତତ୍ତ୍ୱର ନିୟମ ଅନୁଯାୟୀ ଆନ୍ଦୋଳନର ରୂପ ସଂପର୍କରେ ଏହାର ସିଦ୍ଧାନ୍ତ ହେଲା, ଛୋଟ ଛୋଟ ପରିମାଣଗତ ପରିବର୍ତ୍ତନ, ଆଗେ ହେଉ ବା ପରେ ହେଉ, ତା ପରିଣତିରେ ବୃହତ ପରିବର୍ତ୍ତନ, ଗୁଣଗତ ପରିବର୍ତ୍ତନର ଦିଗରେ ନେଇଯାଏ। ଏହି ନିୟମ ସମାନ ଭାବରେ ପ୍ରକୃତିର ପରିବର୍ତ୍ତନର ଇତିହାସର କ୍ଷେତ୍ରରେ ମଧ୍ୟ ପ୍ରଯୁଜ୍ୟ। ମେଣ୍ଡେଲିଭଙ୍କର 'ପର୍ଯ୍ୟାୟ ସରଣୀ' ପରିଷ୍କାର ଭାବରେ ଦେଖାଇ ଦିଏ, ପ୍ରକୃତିର ଇତିହାସରେ ପରିମାଣଗତ ପରିବର୍ତ୍ତନ ମଧ୍ୟ ଦେଇ ଗୁଣଗତ ପରିବର୍ତ୍ତନର ଉଦ୍‌ଭବ କେତେ ଗୁରୁତ୍ୱପୂର୍ଣ୍ଣ।XXX (**'ନୈରାଜ୍ୟବାଦ ନା ସମାଜତନ୍ତ୍ର'** ପୁସ୍ତିକାରୁ...)

★★★

# ଗିଗ୍ ୱାର୍କର - ମୃତ୍ୟୁକୁ ପରୱା ନକରି କେବଳ ଧାଇଁବା ହିଁ ଜୀବନ

ଯେକୌଣସି ମୁହୂର୍ତ୍ତରେ ବି ମୃତ୍ୟୁ ପର୍ଯ୍ୟନ୍ତ ହୋଇପାରେ ଜାଣି ମଧ୍ୟ ସେମାନଙ୍କୁ ଧାଇଁବାକୁ ପଡ଼େ। ଏହି ଅନନ୍ତ ଦୌଡ଼ ମଧ୍ୟରେ ସାମୟିକ ବିରତିର ମଧ୍ୟ ଅବକାଶ ମିଳେ ନାହିଁ। ସେମାନେ ଅନଲାଇନ୍ ସଂସ୍ଥାର କର୍ମୀ ବା 'ଗିଗ୍-କର୍ମୀ'।

ଗୋଟିଏ ଅର୍ଡର ଫୋନରେ ଆସିବା ମାତ୍ରେ ଜୀବନକୁ ପରୱା ନକରି ବାଇକ୍‌ରେ ପଡ଼ି ମରି ସେମାନେ ଦୌଡ଼ି ଦୌଡ଼ି ଘରେ ଘରେ ପଣ୍ୟ ପହଞ୍ଚାଇ ଦିଅନ୍ତି। ମାତ୍ର ୧୦ ମିନିଟରେ କ୍ରେତାଙ୍କ ପାଖରେ ପହଞ୍ଚିବା ପ୍ରତିଯୋଗିତାରେ ଇତି ମଧ୍ୟରେ ଅନେକ ଗିଗ୍-କର୍ମୀ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି। ଅନେକ ସମୟରେ ପଥଚାରୀମାନେ ମଧ୍ୟ ବଳି ପଡିଯାନ୍ତି। ବ୍ଲିନକିଟ୍ ଜୋମାଟୋ, ସୁଇଗି, ଆମାଜନ, ଫ୍ଲିପକାର୍ଟ ଭଳି ଅନଲାଇନ୍ ନିର୍ଭର ବିପଣନ ସଂସ୍ଥା ବା ଓଲା, ଉବେର ଭଳି ମୋଟର ପରିବହନ ସଂସ୍ଥା ଗୁଡ଼ିକରେ କାମ କରୁଥିବା ଯୁବକ ମାନଙ୍କ ଅବସ୍ଥା ଏକାପରି। ପରିସଂଖ୍ୟାନ କହୁଛି, ୨୦୨୯-୩୦ ସୁଦ୍ଧା ଭାରତରେ ଏହି ଧରଣର କର୍ମୀ ସଂଖ୍ୟା ପହଞ୍ଚିବ ୨ କୋଟି ୩୫ ଲକ୍ଷରେ।

ଜୀବନର ପରୱାନା ନ କରିବା କ'ଣ ଏତେ ସହଜ? ଦୁର୍ଘଟଣା ହୋଇପାରେ, ମୃତ୍ୟୁ ହୋଇପାରେ ଜାଣି ମଧ୍ୟ ଏପରି ବେପରୁଆ ଭାବେ ଧାଇଁବା ପାଇଁ ନିଷ୍ପତ୍ତି ନେବାକୁ ସେମାନଙ୍କୁ ବାଧ୍ୟ କରାଯାଇଛି। ଆର୍ଥିକ ଅନଟନ, ସରକାରୀ-ବେସରକାରୀ ଚାକିରିର ଅଭାବ, ବେକାରୀ, ଛଟେଇ ଏବଂ ଖୁବ୍ ଶୀଘ୍ର କାମରେ ପ୍ରବେଶ କରିବାର ସୁଯୋଗ, ଉଚ୍ଚ ଡିଗ୍ରୀ ବାଧ୍ୟତାମୂଳକ ନହେବା ଯୋଗୁ ଏହି କାମରେ ବେକାରଙ୍କ ଭିଡ଼ ବଢ଼ିବାରେ ଲାଗିଛି। ପୁଣି ଗିଗ୍ ସଂସ୍ଥାଗୁଡ଼ିକ ନିଜ ନିଜ ମଧ୍ୟରେ ପ୍ରତିଯୋଗିତା କାରଣରୁ, କେତେ କମ୍ ସମୟରେ ଅର୍ଡର ଦିଆଯାଇପାରିବ ସେହି ପ୍ରତିଯୋଗିତାରେ ମାତିଛନ୍ତି। ତାହାର ଶିକାର ହେଉଛନ୍ତି ଏହି ଧରଣର ଡେଲିଭରି ବୟ ମାନେ।

ଗତିମୟ ଆଧୁନିକ ଜୀବନରେ ଅନେକ ହିଁ ଅନଲାଇନର ବିଭିନ୍ନ ସଂସ୍ଥାରେ ଅର୍ଡର ଦେଇ ପ୍ରୟୋଜନୀୟ ଜିନିଷ ସଂଗ୍ରହ କରନ୍ତି। ଆପ୍-ଭିତ୍ତିକ ଏହି ପରିସେବାର ଚାହିଦା ଯେହେତୁ ସନ୍ଧ୍ୟାରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ବେଶୀ ଥାଏ, ସେଥିପାଇଁ ଅନେକ ଛାତ୍ର, ବେକାର ଯୁବକ ଏବଂ ଅନ୍ୟତ୍ର ସାମାନ୍ୟ ପାରିଶ୍ରମିକରେ କାମ କରୁଥିବା ଶ୍ରମଜୀବୀ ମଣିଷ ଏହି କାମ କରି କିଛିଟା ଅଧିକ ଆୟର ଚେଷ୍ଟା କରନ୍ତି।

ସଂପ୍ରତି ବ୍ଲିଂନକିଟ୍ ସଂସ୍ଥାରେ କାମ କରୁଥିବା ଶତାଧିକ ଡେଲିଭରି ବୟ କଟକରେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ସେମାନେ ସମସ୍ତେ ଶିକ୍ଷିତ ଯୁବକ। କମ୍ପାନୀର ଶୋଷଣ ଅସହ୍ୟ ହେବାରୁ ବାଧ୍ୟ ହୋଇ ସେମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଏହିଭଳି ଜଣେ ଆନ୍ଦୋଳନକାରୀଙ୍କ କହିବା ଅନୁଯାୟୀ ଦିନକୁ ୧୦ଘଣ୍ଟା କାମ କରି, ୧୧ଟି ଅର୍ଡର ସପ୍ଲାଇ କରି ତାକୁ ମିଳିଛି ମାତ୍ର ୨୬୩ ଟଙ୍କା। କେବେ କେବେ ଲଗାତାର ୧୨ ଘଣ୍ଟା କାମ କରି ହୁଏତ ହଜାରେ ଟଙ୍କା ଆୟ ହୁଏ। ଆୟର କୌଣସି ସ୍ଥିରତା ନାହିଁ ମାତ୍ର ସଜାଗ ରହିବାକୁ ହୁଏ ସକାଳୁ ରାତି ୧୨ ପର୍ଯ୍ୟନ୍ତ। ଯାହା ଆୟ ହୁଏ ସେଥିରେ ସଂସାର ଚଳାଇବା କଷ୍ଟକର।

'ଗିଗ୍' ଶ୍ରମିକ ଶବ୍ଦଟିର ଅର୍ଥ ସାମୟିକ ଭାବେ ନିଯୁକ୍ତ ଶ୍ରମିକ। ଏମାନେ ସବୁଠାରୁ ବେଶୀ ଅସୁରକ୍ଷିତ, ଶୋଷଣର ଶିକାର। ଶ୍ରମିକଙ୍କ ପାଇଁ ଉଦ୍ଦିଷ୍ଟ କୌଣସି ଶ୍ରମ ଆଇନ ଏମାନଙ୍କ କ୍ଷେତ୍ରରେ ଲାଗୁ ହୁଏ ନାହିଁ। ତଥାପି ଜୀବନକୁ ବିପଦରେ ପକାଇ ସେମାନେ କମ୍ପାନୀ ମାଲିକଙ୍କ ଲାଭ ନିଶ୍ଚିତ କରନ୍ତି। ନିର୍ଦ୍ଦିଷ୍ଟ ସମୟରେ ପହଂଚି ନପାରିଲେ ଗୋଟିଏ ପଟେ କମ୍ପାନୀ ମାଲିକ ଟଙ୍କା କାଟି ନିଏ, ଅନ୍ୟପଟେ ରାସ୍ତାର ଟ୍ରାଫିକ ନିୟମ ଲଙ୍ଘନ ପାଇଁ ନିଜ ପକେଟରୁ ଜୋରିମାନା ଦେବାକୁ ହୁଏ।

ଏହି ପରିସ୍ଥିତିରେ ଗତ ୨୫ ଓ ୩୧ ଡିସେମ୍ବରରେ ଗିଗ୍ ଶ୍ରମିକମାନେ ଦେଶବ୍ୟାପୀ ଧର୍ମଘଟରେ ସାମିଲ ହେଲେ। ଏମାନେ ଧର୍ମଘଟ ରାସ୍ତାକୁ ଯିବାକୁ ବାଧ୍ୟ ହେଲେ କାହିଁକି? ବେତନ ନାହିଁ, ସାମାଜିକ ସୁବିଧା-ସୁଯୋଗ ନାହିଁ, ସୁରକ୍ଷା ନାହିଁ, ଅତିରିକ୍ତ ପରିଶ୍ରମ କରି ଅସୁସ୍ଥ ହେଲେ ବା ଦୁର୍ଘଟଣାରେ ଆହତ ହେଲେ ଚିକିତ୍ସା ପାଇଁ କମ୍ପାନୀ କୌଣସି ସାହାଯ୍ୟ କରେ ନାହିଁ। ଅଥଚ ଏମାନେ କୁଆଡେ କମ୍ପାନୀର 'ବିଜନେସ୍ ପାର୍ଟନର'! ପରିଚାଳନା କମିଟିରେ ସେମାନଙ୍କର କୌଣସି ପ୍ରତିନିଧି ରଖାଯାଏ ନାହିଁ। ବ୍ୟବସାୟର କୌଣସି ଲାଭାଂଶ ସେମାନେ ପାଆନ୍ତି ନାହିଁ, ତାହେଲେ ସେମାନେ କି ଧରଣର ବିଜନେସ୍ ପାର୍ଟନର? ପ୍ରକୃତରେ ବ୍ୟବସାୟରେ ଅଂଶୀଦାର କଥା କହି ସେମାନଙ୍କୁ ଶ୍ରମିକର ସମସ୍ତ ଅଧିକାରରୁ ବଞ୍ଚିତ କରି ରଖିବା ହେଉଛି ଏକ ଆଧୁନିକ କୌଶଳ। କାରଣ 'ପାର୍ଟନର' ନ କହି 'କର୍ମଚାରୀ' କହିଲେ ନିୟମ ଅନୁଯାୟୀ ଏମାନଙ୍କୁ ସର୍ବନିମ୍ନ ମଜୁରି, ପ୍ରୋଭିଡେଣ୍ଟ ଫଣ୍ଡ, ସ୍ୱାସ୍ଥ୍ୟ ବୀମା, ପେନସନ ସୁବିଧା ଦେବାକୁ ପଡ଼ିବ। ଦେବାକୁ ପଡ଼ିବ ନ୍ୟାଯ୍ୟ ଛୁଟି ମଧ୍ୟ। ସେଥିପାଇଁ ଏହି ବ୍ୟବସ୍ଥା ରଖାଯାଇଛି। ଦେଶରେ ଶପ ଆଣ୍ଡ ଏଷ୍ଟାବ୍ଲିସମେଣ୍ଟରେଜିଷ୍ଟ୍ରେସନ ସଂସ୍ଥା ଅଛି। ମାଲିକଙ୍କ ଏହି କୌଶଳ ଯୋଗୁଁ ପ୍ରଚଳିତ ଶ୍ରମ ଆଇନ ବା ଶ୍ରମିକ ସୁରକ୍ଷା ଆଇନର କୌଣସି ପ୍ରାବଧାନ ଏମାନଙ୍କ କ୍ଷେତ୍ରରେ କାର୍ଯ୍ୟକାରୀ ହୁଏ ନାହିଁ।

ଶ୍ରମିକ ସଂଗଠନ ଏଆଇୟୁଟିୟୁସି ଗିଗ୍ କର୍ମଚାରୀଙ୍କ ସ୍ୱଚ୍ଛ, ଉପଯୁକ୍ତ ଓ ସୁନିଶ୍ଚିତ ମଜୁରି ଏବଂ ଯୁକ୍ତିସଙ୍ଗତ ଇନସେଣ୍ଟିଭ୍ ଚାଲୁ କରିବା, ଯୁକ୍ତିସଙ୍ଗତ କାର୍ଯ୍ୟ ସମୟ ଓ ଆବଶ୍ୟକ ବିଶ୍ରାମର ସୁଯୋଗ ଦେବା ପାଇଁ ଦାବି ଜଣାଇଛି। ଦାବି କରାଯାଉଛି, ମନଇଚ୍ଛା ଆଇଡି ବ୍ଲକ୍ ଏବଂ ଜରିମାନା କରିବା ବନ୍ଦ କରିବାକୁ ପଡ଼ିବ। ଗିଗ୍ କର୍ମଚାରୀଙ୍କୁ ସମ୍ପୂର୍ଣ୍ଣ ସାମାଜିକ ସୁରକ୍ଷା ବ୍ୟବସ୍ଥା ଅଧୀନକୁ ଆଣିବାକୁ ପଡ଼ିବ। ସ୍ୱାସ୍ଥ୍ୟ ଓ ଦୁର୍ଘଟଣା ବୀମା, ପେନସନ, କାର୍ଯ୍ୟର ସ୍ଥାୟିତ୍ୱ ଓ କର୍ମକ୍ଷେତ୍ରରେ ଯଥାଯଥ ସମ୍ମାନ ଦେବାକୁ ହେବ। ଗିଗ୍ ଶ୍ରମିକଙ୍କ ନ୍ୟାଯ୍ୟ ଦାବିଗୁଡ଼ିକୁ ମାନ୍ୟତା ଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ କାର୍ଯ୍ୟକାରୀ ପଦକ୍ଷେପ ଗ୍ରହଣ କରିବାକୁ ହେବ।

ଏହି ପୁଞ୍ଜିବାଦୀ ବ୍ୟବସ୍ଥାରେ ତୀବ୍ର ବଜାର ସଂକଟ ସମୟରେ ମଧ୍ୟ ଏହି କ୍ଷେତ୍ରର ପ୍ରସାର ବଢୁଛି। ଉତ୍ସବ ସମୟରେ ଯେତେବେଳେ ଚାହିଦା ସବୁଠାରୁ ଅଧିକ ଥାଏ, ସେହି ସମୟରେ ଏହି କମ୍ପାନୀଗୁଡ଼ିକ ପ୍ରଚୁର ମୁନାଫା ଅର୍ଜନ କରନ୍ତି। ଆମାଜନ ୨୦୨୩ରେ ମୋଟ ଲାଭ କରିଛି ୭୭.୯ ବିଲିୟନ ଡଲାର। ୨୦୨୪ ରୁ ୨୫ ମଧ୍ୟରେ ମୋଟ ମୁନାଫା ବଢ଼ିଛି ୩୧ ଶତାଂଶ। ସେହିଭଳି ଅନ୍ୟାନ୍ୟ ଏହିଧରଣର କମ୍ପାନୀ ମାନଙ୍କ ମୁନାଫା ମଧ୍ୟ ଆକାଶଛୁଆଁ ହୋଇଛି।

ତା'ହେଲେ କମ୍ପାନୀ ମାନଙ୍କୁ ବିପୁଳ ଲାଭ ଦେଉଥିବା ଡେଲିଭରି ବୟ ମାନଙ୍କ ପ୍ରତି ଏହି ଧରଣର ଅବହେଳା କାହିଁକି? କାରଣ ସରକାରୀ ଆଇନ-କାନୁନ୍, ନିୟମ-ନୀତି ଏମିତି ଭାବେ ତିଆରି କରାଯାଇଛି ଯେ କମ୍ପାନୀ ମାଲିକମାନେ ଯେତେ ଶ୍ରମିକ ଶୋଷଣ କରନ୍ତୁ ନା କାହିଁକି, ସେମାନଙ୍କୁ କୌଣସି ଦଣ୍ଡ ମିଳିବ ନାହିଁ। ସବୁଠାରୁ ନିଷ୍ପେସିତ ଗିଗ୍ ଶ୍ରମିକମାନେ ଆଇନଗତ କାରଣରୁ ୟୁନିଅନ୍ କରି ନିଜର ଦାବି ଉପସ୍ଥାପନ ମଧ୍ୟ କରିପାରୁ ନାହାନ୍ତି। ଏହାହିଁ ଆଜି ଦିନରେ ଶ୍ରମିକମାନଙ୍କ ବାସ୍ତବ ଅବସ୍ଥା। ଶ୍ରମିକ ଆନ୍ଦୋଳନର ଦୁର୍ବଳତାକୁ ସୁଯୋଗ ଭାବରେ ବ୍ୟବହାରକରି ମାଲିକମାନେ ଶ୍ରମିକ ମାନଙ୍କର ଗୋଟିଏ ପରେ ଗୋଟିଏ ଅଧିକାର ଛଡାଇ ନେଉଛନ୍ତି ଏବଂ ଶ୍ରମିକ ମାନଙ୍କୁ ଅତ୍ୟନ୍ତ ଅସହାୟ ଅବସ୍ଥାରେ ପକାଇ ଅକଥନୀୟ ଶୋଷଣକରି ଲାଭର ପାହାଡ ସୃଷ୍ଟି କରୁଛନ୍ତି। ଏହି ପରିସ୍ଥିତିରେ ନିଜର ଦାବି ହାସଲ କରିବା ପାଇଁ ଶ୍ରମିକମାନଙ୍କୁ ବିଶେଷକରି ଗିଗ୍ ଶ୍ରମିକମାନଙ୍କୁ ଆନ୍ଦୋଳନ ରାସ୍ତାରେ ଅଗ୍ରସର ହେବାକୁ ପଡିବ।

★★★

# ମଣ୍ଡିରେ ଚାଷୀ ଅଖିଆ ଅପିଆ ମରୁଛି ହେଲେ ବାହାସ୍ଫୋଟରେ ରାଜ୍ୟ ସରକାରଙ୍କର ତୁଳନା ନାହିଁ

ଗତ ନଭେମ୍ବର ମାସରୁ ମଣ୍ଡିରେ ଧାନ ବିକ୍ରି କରିବା ପାଇଁ ସମଗ୍ର ରାଜ୍ୟରେ ଚାଷୀର ଦୁର୍ଦ୍ଦଶା ଲାଗି ରହିଛି। ସରକାରଙ୍କର ସମସ୍ତ ଅପପ୍ରଚାର, ବାହାସ୍ଫୋଟ ଓ ଛାପା ଏବଂ ବୈଦ୍ୟୁତିକ ଗଣମାଧ୍ୟମରେ ଏ ସଂପର୍କରେ ଖବରକୁ ନିୟନ୍ତ୍ରଣ କରିବାର ସମସ୍ତ ଉଦ୍ୟମ ସତ୍ତ୍ୱେ ଚାଷୀର ହାହାକାରମୟ ଅବସ୍ଥା ଲୁଚାଇବା ସମ୍ଭବ ହେଉନାହିଁ। ମାର୍ଚ୍ଚ ମାସ ପ୍ରଥମ ସପ୍ତାହରେ ବି ଚାଷୀ ଟୋକନ ଧରି ମୁଣ୍ଡରେ ହାତଦେଇ ବସିଛି, ମଣ୍ଡିକୁ ଦୌଡି ଦୌଡି ହତାଶ ହେଉଛି କିନ୍ତୁ ଧାନ ବିକ୍ରି ହେଉନାହିଁ। ପୁଣି ଟୋକନକୁ ଚାହିଁ ଚାହିଁ କେତେ ଚାଷୀଙ୍କ ଆଖିରୁ ପାଣି ମଲା ତାର ହିସାବ କାହାରି ପାଖରେ ନାହିଁ।

ସମଗ୍ର ରାଜ୍ୟରେ ଏହିଭଳି ଅବସ୍ଥା ଲାଗିରହିଥିଲାବେଳେ କେନ୍ଦ୍ରପଡା ଜିଲ୍ଲାର ରାଜନଗରରୁ ଏ ସଂପର୍କିତ ଏକ ଅତ୍ୟନ୍ତ ହୃଦୟବିଦାରକ ଖବର ଆସିଛି। ଖବରକାଗଜରେ ପ୍ରକାଶିତ ଖବର ଅନୁଯାୟୀ ମଣ୍ଡି କର୍ମଚାରୀ ଓ ମିଲରଙ୍କ ଅତ୍ୟାଚାର ସହି ନପାରି ଏହି ବ୍ଲକ୍‌ର ଜୁଣଗଡି ଗାଁର ଜଣେ ୫୩ବର୍ଷ ବୟସ୍କ ଚାଷୀ ମୃତ୍ୟୁବରଣ କରିଛନ୍ତି। ମୃତ ଚାଷୀ ତ୍ରିଲୋଚନ ନାୟକ ଦୀର୍ଘ ୪୦ଦିନ ଧରି ଧାନ ବିକ୍ରି କରିବା ପାଇଁ ମଣ୍ଡିକୁ ଦୌଡୁଥିଲେ ହେଲେ ଧାନ ବିକ୍ରି ହେଉନଥିଲା। ଶେଷରେ ୪ଦିନ ୪ରାତି ଅଖିଆ ଅପିଆ ମଣ୍ଡି ସାମନାରେ ପଡିରହିବା ପରେ ସେ ଶେଷରେ ଆଖି ବୁଜିଛନ୍ତି। ଏହି ଘଟଣାଟି ସମୁଦ୍ରରେ ଭାସିବୁଲୁଥିବା ପର୍ବତକାୟ ମହୀରୁହ ମାନଙ୍କର ଅଗ୍ରଭାଗ ଭଳି। ଏହିଭଳି ହଜାର ହଜାର ତ୍ରିଲୋଚନ ସାରା ରାଜ୍ୟରେ ଧାନ ମୁଠିଏ ସରକାରୀ ଦରରେ ମଣ୍ଡିରେ ବିକି ଦୁଇପଇସା ପାଇବା ପାଇଁ ଲଣ୍ଡଭଣ୍ଡ ହେଉଛନ୍ତି। ଧାନମଣ୍ଡିରେ ଶୀତ କାକରରେ ପଡି ଗୋଟିଏ ଅମୂଲ୍ୟ ଜୀବନ ଚାଲିଗଲା ହେଲେ ବିଭାଗୀୟ ମନ୍ତ୍ରୀଙ୍କର ସେହି ଗତାନୁଗତିକ, ହୃଦୟହୀନ, ଆବେଗହୀନ ଓ ନିର୍ଲଜ ପ୍ରତିକ୍ରିୟା 'ତଦନ୍ତ ହେବ' ଏହି ଲେଖା ଛାପାଖାନାକୁ ଯିବାବେଳକୁ ତ୍ରିଲୋଚନଙ୍କ ଏକଦଶାହ ଶେଷ ହେଲାଣି, ହେଲେ କି ତଦନ୍ତ ହେଉଛି, କିଏ ତଦନ୍ତ କରୁଛି, ଏହି ତଦନ୍ତ ରିପୋର୍ଟ କେବେ ଆସିବ, ଦୋଷୀ କେବେ ଦଣ୍ଡ ପାଇବ, ମୃତ ତ୍ରିଲୋଚନଙ୍କ ପରିବାର ଲୋକଙ୍କୁ କିଏ ଏବଂ କେବେ କ୍ଷତିପୂରଣ ଦେବ, ସେ ପ୍ରଶ୍ନର ଉତ୍ତର ଜିଲ୍ଲାପାଳଙ୍କଠାରୁ ଆରମ୍ଭକରି ବିଡିଓ, ତହସିଲଦାରଙ୍କ ପର୍ଯ୍ୟନ୍ତ କାହାରି ପାଖରେ ନାହିଁ। ସମଗ୍ର ରାଜ୍ୟର ଚାଷୀ ଏହି ଧରଣର ସଂକଟ ମଧ୍ୟରେ ଗତିକରୁଥିଲାବେଳେ ମଣ୍ଡିକୁ ଦୁର୍ନିତୀ ମୁକ୍ତ କରିବା, କଟ୍‌ନୀ-ଛଟ୍‌ନୀ ସଂପୂର୍ଣ୍ଣ ବନ୍ଦ କରିବା, ରାଜ୍ୟର ଚାଷୀ ଉତ୍ପାଦନ କରୁଥିବା ସମସ୍ତ ଧାନ ବୋନସ ଦେଇ ଖରିଦ୍ କରିବାର ପ୍ରତିଶ୍ରୁତି ଦେଇ ରାଜ୍ୟରେ କ୍ଷମତାସୀନ ହୋଇଥିବା ବିଜେପି ସରକାର ନାହିରେ ତେଲ ଦେଇ ଶୋଇଛି। କେବଳ ଏବଂ କେବଳ ମିଥ୍ୟା ଓ ବିଭ୍ରାନ୍ତକାରୀ ପ୍ରଚାରକରି ଜନସାଧାରଣଙ୍କୁ ବିଭ୍ରାନ୍ତ କରୁଛି ଏବଂ ଚାଷୀକୁ ମରଣ ମୁହଁକୁ ଠେଲି ଦେଇଛି। ଏହା ହେଉଛି ଡବଲ ଇଂଜିନ ସରକାରର ପ୍ରକୃତ ଚେହେରା।

★★★

Regd.No-ORI ORI/2011/37220 • VOL. NO. 13, ISSUE NO. 22 • ମୂଲ୍ୟ-୫ଟଙ୍କା

# ଅନୁଗୁଳ ଜନଜୀବନ ସୁରକ୍ଷା କମିଟି ପକ୍ଷରୁ ଜିଲ୍ଲାପାଳ ଅଫିସ ସମ୍ମୁଖରେ ଗଣଧାରଣା




ଅନୁଗୁଳ ଜିଲ୍ଲାର ସମସ୍ତ ଚିକିତ୍ସାଳୟରେ ଉପଯୁକ୍ତ ଚିକିତ୍ସାପାଇଁ ଆବଶ୍ୟକ ସଂଖ୍ୟକ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତ କରିବା ସହିତ ଆବଶ୍ୟକ ଆଧୁନିକ ସୁପରସ୍ପେସାଲିଟି ବିଭାଗ ଖୋଲିବା, ଅନ୍‌ଲାଇନ ଆଉଟଡୋରର ଟିକେଟ ବ୍ୟବସ୍ଥା କରିବା, ୩୦୦ ୟୁନିଟ୍ ପର୍ଯ୍ୟନ୍ତ ବିଜୁଳି ବିଲ ଛାଡ କରିବା, ସ୍ମାର୍ଟ ମିଟର ବସାଇବା ବନ୍ଦ କରିବା ଏବଂ ବିଦ୍ୟୁତ ଗ୍ରାହକ ମାନଙ୍କଠାରୁ ଅତିରିକ୍ତ ସୁରକ୍ଷା ଜମା ଆଦାୟ ବନ୍ଦ କରିବା, କୋଇଲା ପରିବହନ ପାଇଁ ସ୍ୱତନ୍ତ୍ର କୋଲ କରିଡର ନିର୍ମାଣ ପ୍ରଭୃତି ଦାବିରେ ଅନୁଗୁଳ ଜିଲ୍ଲା ଜନଜୀବନ ସୁରକ୍ଷା କମିଟି ପକ୍ଷରୁ ଅନୁଗୁଳ ଜିଲ୍ଲାପାଳ ଅଫିସ ସମ୍ମୁଖରେ ଫେବୃଆରୀ ୨୩ତାରିଖରେ ଗଣଧାରଣା ଦିଆଯାଇଥିଲା। କମିଟିର ଆବାହକ ତଥା ବିଶିଷ୍ଟ ଆଇନଜୀବୀ ଶ୍ରୀଯୁକ୍ତ ପ୍ରମୋଦ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଧାରଣା ସ୍ଥଳରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ କମିଟିର ଅନ୍ୟତମ ଆବାହକ ଶିକ୍ଷାବିତ ଅଭିମନ୍ୟୁ ସ୍ୱାଇଁ, ରମେଶ ସାହୁ, ଶିବରାମ ମିଶ୍ର, ବ୍ରଜବନ୍ଧୁ ସାହୁ, ଆଡଭୋକେଟ୍ ବସନ୍ତ କୁମାର ଦାସ, ନିରୋଦ ପାଳ, ତ୍ରିଲୋଚନ ଜେନା, ତୀର୍ଥବାସୀ ଭୋଇ, ଜଗଦାନନ୍ଦ ଦାସ, ନିରୁପମା ପ୍ରଧାନ ଓ ବବିତା ସାହୁ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଆନ୍ଦୋଳନ ସ୍ଥଳରୁ ଏକ ପ୍ରତିନିଧି ମଣ୍ଡଳୀ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ୧୪ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲେ। ଏହି ସମାବେଶରେ ଜିଲ୍ଲାର ବିଭିନ୍ନ ସ୍ଥାନରୁ ସମାଜର ବିଭିନ୍ନ ବର୍ଗର ବହୁ ସଂଖ୍ୟକ ଲୋକ ଯୋଗ ଦେଇଥିଲେ।

## ଧର୍ଷଣ ଉଦ୍ୟମ ମାମଲାରେ ପୋଲିସ ନିଷ୍କ୍ରିୟତା ପ୍ରତିବାଦରେ ରଘୁନାଥପୁର ଥାନା ଘେରାଉ



ଜଗତସିଂହପୁର ଜିଲ୍ଲା ରଘୁନାଥପୁର ଥାନା ଅଧିନସ୍ଥ ପୁରଣ ଅଂଚଳରେ ଆଦିବାସୀ ଛାତ୍ରୀଙ୍କୁ ବଳାତ୍କାର ଉଦ୍ୟମ ଘଟଣା ଇତିମଧ୍ୟରେ ୧୦ ଦିନରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ରଘୁନାଥପୁର ପୋଲିସ ମାମଲା ରୁଜୁ କରିଦେଇ ହାତବାନ୍ଧି ବସିଛି। ଅପରାଧୀ ଖୋଲାଖୋଲି ବୁଲୁଛି ଏବଂ ପୀଡ଼ିତା ଓ ତାଙ୍କ ପରିବାରକୁ ଧମକ ଚମକ ଦେଉଛି। ଘଟଣା ସମ୍ପର୍କରେ ଜାଣିବାପରେ ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଂଗଠନ ପକ୍ଷରୁ ସମ୍ପୃକ୍ତ ଗ୍ରାମକୁ ଯାଇ ଘଟଣାର ସର୍ଜମିନ୍ ତଦନ୍ତ କରାଯାଇଥିଲା ଏବଂ ଦୋଷୀକୁ ତୁରନ୍ତ ଗିରଫ କରିବା ପାଇଁ ଦାବି କରାଯାଇଥିଲା। ପରେ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ପାର୍ଟି ପକ୍ଷରୁ ମଧ୍ୟ ସମ୍ପୃକ୍ତ ଗ୍ରାମର ଲୋକଙ୍କ ସହିତ ଘଟଣା ସମ୍ପର୍କରେ ଆଲୋଚନା କରାଯାଇଥିଲା। ମାତ୍ର ପୋଲିସ ଅପରାଧୀକୁ ଗିରଫ କରିବା କ୍ଷେତ୍ରରେ ଟାଳ ଟୁଳ କରିବାରୁ ଏହାର ପ୍ରତିବାଦରେ ମାର୍ଚ୍ଚ ୧ ତାରିଖରେ ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଂଗଠନ ଓ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ପାର୍ଟି ପକ୍ଷରୁ ରଘୁନାଥପୁର ଥାନା ଘେରାଉ କରାଯାଇଥିଲା। ବହୁ ସଂଖ୍ୟକ ମହିଳା ଓ ପୁରୁଷ ଏକ ଶୋଭାଯାତ୍ରାରେ ଆସି ରଘୁନାଥପୁର ଥାନା ଘେରାଉ କରିଥିଲେ ଏବଂ ୪ ଦଫା ସମ୍ବଳିତ ଦାବିପତ୍ର ଥାନା ଅଧିକାରୀଙ୍କୁ ପ୍ରଦାନ କରିଥିଲେ। ଏଆଇଏମ୍‌ଏସ୍‌ଏସ୍‌ର ସଂଗଠିକା କମ୍ରେଡ ପ୍ରମୋଦିନୀ ମିଶ୍ର, କମ୍ରେଡ ସ୍ୱର୍ଣ୍ଣଲତା କାଣ୍ଡି, ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ଜିଲ୍ଲା ସାଂଗଠନିକ କମିଟି ସମ୍ପାଦକ କମ୍ରେଡ ସୁବାସ ସ୍ୱାଇଁ, କମ୍ରେଡ ପ୍ରଦୀପ୍ତ ରାମ, ଶ୍ରମିକ ନେତା କମ୍ରେଡ ରାଜକିଶୋର ମଲ୍ଲିକ ପ୍ରମୁଖ ଘେରାଉ ସ୍ଥଳରେ ଅନୁଷ୍ଠିତ ପ୍ରତିବାଦ ସଭାରେ ବକ୍ତବ୍ୟ ରଖିଥିଲେ। କମ୍ରେଡ ମଙ୍ଗୁଳି ଦାସ, ଅଭିମନ୍ୟୁ ଭୋଇ, କମ୍ରେଡ ରେଣୁ ମହାରଣା ଓ ଶ୍ୟାମ ସିଂ ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ।

## ଏଆଇଏମ୍‌ଏସ୍‌ଏସ୍ ପକ୍ଷରୁ ରାଜକନିକା ସ୍କୁଲ ଛାତ୍ରୀଙ୍କ ଉପରେ ଯୌନ ନିର୍ଯାତନାର ପ୍ରତିବାଦ




ରାଜକନିକା ଥାନା ଅଧୀନସ୍ଥ ଓଳାଭରରେ ଏକ ଘରୋଇ ଶିକ୍ଷାନୁଷ୍ଠାନର ସପ୍ତମ ଶ୍ରେଣୀ ଛାତ୍ରୀଙ୍କ ଉପରେ ହେଉଥିବା ଯୌନ ନିର୍ଯାତନାରେ ସମ୍ପୃକ୍ତ ବ୍ୟକ୍ତି ମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିରେ ଫେବୃଆରୀ ୨୬ ତାରିଖରେ ଏଆଇଏମଏସଏସ ପକ୍ଷରୁ କେନ୍ଦ୍ରାପଡ଼ା ଜିଲ୍ଲାପାଳ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସଂଗଠନର ଜିଲ୍ଲା ସଭାନେତ୍ରୀ କମ୍ରେଡ ହିରାମଣୀ ରାଉତଙ୍କ ସଭାପତିତ୍ୱରେ ବିକ୍ଷୋଭ ସ୍ଥଳରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ରାଜ୍ୟ ସମ୍ପାଦିକା କମ୍ରେଡ ସରୋଜିନୀ ନାୟକ, ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟା ସୁଲୋଚନା ପ୍ରଧାନ, ବିଜୟଲକ୍ଷ୍ମୀ ପାତ୍ର, ସଂଯୁକ୍ତା ସାମଲ ଏବଂ କାର୍ଯ୍ୟକାରୀ କମିଟି ସଦସ୍ୟା ଭାରତୀ ନାୟକ ପ୍ରମୁଖ ବିକ୍ଷୋଭରେ ବକ୍ତବ୍ୟ ରଖି ଦୋଷୀ ମାନଙ୍କୁ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ। ଏଲିନା ସାମନ୍ତରାୟ ବିକ୍ଷୋଭ ପରିଚାଳନାରେ ସହାୟତା କରିଥିଲେ। ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦିଆଯାଇଥିଲା।

## ଓଡ଼ିଶା ମିଳିତ ଆଶା ୟୁନିଅନ ପକ୍ଷରୁ ନିଶ୍ଚିନ୍ତକୋଇଲି ବ୍ଲକ୍ ସମ୍ମୁଖରେ ବିକ୍ଷୋଭ




ମାର୍ଚ୍ଚ ୨ ତାରିଖରେ ଓଡ଼ିଶା ମିଳିତ ଆଶା ୟୁନିଅନ ପକ୍ଷରୁ ଆଶାକର୍ମୀ ମାନଙ୍କର ବିଭିନ୍ନ ଦାବିରେ କଟକ ଜିଲ୍ଲା ନିଶ୍ଚିତକୋଇଲି ମୁଖ୍ୟ ଡାକ୍ତରଖାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କେନ୍ଦ୍ର ସରକାରଙ୍କ ସ୍କିମରେ ଆଶା କର୍ମୀ ମାନେ ବର୍ଷ ବର୍ଷ ଧରି କାମ କରୁଥିଲେ ମଧ୍ୟ ସେମାନଙ୍କୁ ସରକାରୀ କର୍ମଚାରୀର ମାନ୍ୟତା ପ୍ରଦାନ କରାଯାଉନାହିଁ କିମ୍ବା ସେମାନଙ୍କୁ ସର୍ବନିମ୍ନ ଦୈନିକ ମଜୁରୀ ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ଦିଆଯାଉନାହିଁ। ଏହା ବ୍ୟତୀତ ଆଶା କର୍ମୀ ମାନେ ଗତ ନଭେମ୍ବର ମାସରୁ ସେମାନଙ୍କର ପ୍ରାପ୍ୟ ପାଇନାହାନ୍ତି। ତୁରନ୍ତ ବକେୟା ପ୍ରାପ୍ୟ ପ୍ରଦାନ ଦାବିରେ ଏହି ବିକ୍ଷୋଭ ଅନୁଷ୍ଠିତ ହୋଇଛି। ଆଶାକର୍ମୀ ସଂଘର ରାଜ୍ୟ ସଭାପତି କମ୍ରେଡ ରାଜକିଶୋର ମଲ୍ଲିକ, ସମ୍ପାଦିକା ରେଣୁ ମହାରଣା, ସଂଗଠକ ପରମାନନ୍ଦ ସେଠୀ, ବନିତା ସ୍ୱାଇଁ, ଜଳି ଭୂୟାଁ, ସୁଶ୍ରୀ ସଂଗୀତା ମଲ୍ଲିକ, ରଞ୍ଜୁଲତା ନାୟକ ପ୍ରମୁଖ ବିକ୍ଷୋଭ ସମାବେଶରେ ବକ୍ତବ୍ୟ ରଖିଥିଲେ। ବିକ୍ଷୋଭ ସ୍ଥଳରୁ ନିଶ୍ଚିତକୋଇଲି ଡାକ୍ତରଖାନାର ମୁଖ୍ୟଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଲିଖିତ ଦାବିପତ୍ର ପ୍ରଦାନ କରାଯାଇଥିଲା।

## ବସ୍ତି ବିକାଶ ସଂଗଠନ ପକ୍ଷରୁ ଖୋର୍ଦ୍ଧାରେ ବିକ୍ଷୋଭ



ଖୋର୍ଦ୍ଧା ବରୁଣେଇ ବସ୍ତି ରେ ଦୀର୍ଘ ୩୦ବର୍ଷ ହେବ ବହୁ ସଂଖ୍ୟକ ଦରିଦ୍ର ଲୋକ ବସବାସ କରିଆସୁଛନ୍ତି। ସେମାନଙ୍କୁ ସରକାର ପାଣି, ଲାଇଟ୍, ଆଧାର କାର୍ଡ, ରେସନ କାର୍ଡ ଦେଇ ଛନ୍ତି। ମାତ୍ର ସେହି ଲୋକ ମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ଯୋଗାଇ ଦେବା ପରିବର୍ତ୍ତେ ସେଠାରୁ ଉଚ୍ଛେଦ କରିବାକୁ ସରକାର ଧମକ ଦେଉଛନ୍ତି। ଏହାକୁ ବିରୋଧ କରି ଫେବୃଆରୀ ୧୨ ତାରିଖ ଦିନ ଖୋର୍ଦ୍ଧା ମ୍ୟୁନିସିପାଲଟି ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସଂଗଠନର ସଭାପତି ଅଶୋକ ସାହୁ, ସହ ସଭାପତି ଜିତେନ୍ଦ୍ର ବେହେରା, ସଂପାଦକ କାର୍ତ୍ତିକ ଘଡ଼େଇ, ରାଜେଶ୍ୱର ପ୍ରଧାନ, ଦୀପକ ବେହେରା, ମନୋଜ ରୋହନ, ସଦାଶିବ ଦଉ, କନକଲତା ପ୍ରଧାନ ପ୍ରମୁଖ ବିକ୍ଷୋଭ ସ୍ଥଳରେ ବକ୍ତବ୍ୟ ରଖିଥିଲେ। ମ୍ୟୁନିସପାଲିଟି ଅଫିସରଙ୍କୁ ଦାବି ପତ୍ର ପ୍ରଦାନ କରାଯାଇଥିଲା। ଦାବି ପୂରଣ ନହେଲେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର ହେବ ବୋଲି ସଂଗଠନ ପକ୍ଷରୁ ପ୍ରକାଶ କରାଯାଇଛି।

Printed,Published and owned by Sri Bishnu Das, Printed at Serene Graphics,337-Jagannath Vihar, Lane-12,Baramunda, BBSR-3 and Published at plot No. 61/2082, Gangotrinagar, Bhubaneswar-2. District Khurda, Odisha E-mail: sarbaharakranti@yahoo.co.in, sarbaharakranti@gmail.com, Website : sarbaharakranti.org
Editor : Bishnu Das